visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.204 Bhubaneswar Thursday, September 30, 2021 ୨୪ତମ ବର୍ଷ ସଂଖ୍ୟା–୨୦୪ ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୩୦, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS





ଉପରାଷ୍ଟ୍ରପତି ଏମ.ଭେଙ୍କେୟା ନାଇଡୁ ଯୋଧପୁରଠାରେ ଆଇସିଏଆର ସଂସ୍ଥାର ବୈଜ୍ଞାନିକମାନଙ୍କ ସହିତ ଆଲୋଚନାରତ

# ଆଜି ପିପିଲି ଭୋଟ୍

ଭୁବନେଶ୍ୱର, ୨୯।୯(ପି.ଏନ): ଆସନ୍ତାକାଲି (ଗୁରୁବାର) ପିପିଲି ଉପନିର୍ବାଚନ ପାଇଁ ମତଦାନ ହେବ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିପାରିବେ। ଭୋଟ୍ ଗ୍ରହଣ ପାଇଁ ରାଜ୍ୟର ଏହି ସମ୍ବେଦନଶୀଳ ନିର୍ବାଚନ ମଣ୍ଡଳିରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ୨୩ଟି ବୁଥରେ ମାଇକ୍ରୋ ଅବଜରଭର ରହିଥିବା ବେଳେ ୧୨ଟି ବୁଥରେ ଭିଡିଓଗ୍ରାଫି କରାଯିବ । ଏହା ପୂର୍ବରୁ ଜିଲ୍ଲାପାଳ ସବୁ ବ୍ୟବସ୍ଥାର ଯାଂଚ କରିଥିବା ବେଳେ ଆଇନ୍ ଶୃଙ୍ଖଳା ସ୍ଥିତି ନେଇ ପୁରୀ ଏସପି ସମୀକ୍ଷା କରିଛନ୍ତି ।ଚିହ୍ନଟ ହୋଇଥିବା ୨୦୧ ସମ୍ବେଦନଶୀଳ ବୁଥ୍ ମଧ୍ୟରୁ ୧୭୫ ବୁଥରେ ୱେବ କାଷ୍ଟିଂ ହେବ । ସବୁ ବୁଥ୍ ରେ ପ୍ରିଜାଇଡିଂ ଅଫିସର ଓ ବିଏଲଓ ପହଂଚି ଇଭିଏମ୍, ଭିଭିପାଟ୍ ଓ ନିର୍ବାଚନୀ ଦସ୍ତାବିଜର ଯାଂଚ କରିଛନ୍ତି । ଭୋର ୫ଟା ୩୦ରେ ସମସ୍ତ ରାଜନୈତିକ ଦଳର ଏଜେଂଟଙ୍କ ଆଗରେ ଇଭିଏମ୍, ଭିଭିପାଟ୍ ଖୋଲାଯାଇ ପ୍ରଥମେ ମକ୍ ଭୋଟିଂ ହେବ । ଚିହ୍ନଟ ହୋଇଥିବା ୨୦୧ ସମ୍ବେଦନଶୀଳ ବୁଥ୍ ମଧ୍ୟରୁ ୧୭୫ ବୁଥରେ ୱେବ କାଷ୍ଟିଂ ହେବ । ଭୋର ୫ଟା ୩୦ରେ ସମସ୍ତ ରାଜନୈତିକ ଦଳର ଏଜେଂଟଙ୍କ ଆଗରେ ଇଭିଏମ୍, ଭିଭିପାଟ୍ ଖୋଲାଯାଇ ପ୍ରଥମେ ମକ୍ ଭୋଟିଂ ହେବ ।ସୁରକ୍ଷା ଦୃଷ୍ଟିରୁ ୧୦ଟି ସ୍ଥାନରେ ନାକାବନ୍ଦୀ ଓ ଚେକପୋଷ୍ଟ କରାଯାଇଛି । ଏଥିରେ ୩୦ ଜଣ ଏସଆଇ ଓ ଏଏସ୍ଆଇ ରାଙ୍କର ଅଫିସର ସହ ୩୦ ସେକ୍ସନ୍ ଫୋର୍ସ ନିୟୋଜିତ ହୋଇଛନ୍ତି। ପିପିଲି, ଡେଲାଙ୍ଗ, ବଳଙ୍ଗା ଓ ସତ୍ୟବାଦୀ ଥାନା ଅଂଚଳରେ ୬ ଜଣ ଏସ୍ଆଇ ଓ ଏଏସ୍ଆଇଙ୍କ ସହ ୧୫ ସେକ୍ସନ୍ ଫୋର୍ସକୁ ନେଇ କ୍ୟୁଆରଟି ଗଠନ ହୋଇଛି । ୩୨ଟି ମୋବାଇଲ୍ ପାର୍ଟି ମଧ ମୁତୟନ ହୋଇଛନ୍ତି । ୬ଗୋଟି ଫ୍ଲାଇଂ ସ୍କାଡ୍ ଗଠନ କରାଯାଇଛି । ଉପନିର୍ବାଚନ ଲାଗି ପୋଲିଂ ପାର୍ଟି, ପୁଲିସ୍ ଓ ଅର୍ଦ୍ଧସାମରିକ ବାହିନୀ ପାଇଁ ୪୨୩ଟି ଗାଡ଼ିକୁ ନିୟୋଜିତ କରାଯାଇଛି। ଉପନିର୍ବାଚନରେ ସାମିଲ ସମସ୍ତ କର୍ମଚାରୀ ଡବଲ୍ ଡୋଜ୍ ନେଇଛନ୍ତି। ଭିନ୍ନକ୍ଷମମାନଙ୍କୁ ଘରୁ ଆଣି ପୁଣି ଘରେ ଛାଡ଼ିବା ପାଇଁ ବ୍ୟବସ୍ଥା ହୋଇଛି। ପୋଲିଂ ବୁଥ୍ ଗୁଡ଼ିକରେ ସେମାନଙ୍କ ପାଇଁ ହ୍ୱିଲ୍ ଚେୟାର ବ୍ୟବସ୍ଥା ରହିବ। ତା'ସହିତ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ମତଦାନ କେନ୍ଦ୍ରକୁ ପ୍ରବେଶ ପୂର୍ବରୁ ଭୋଟରଙ୍କୁ ହ୍ୟାଣ୍ଡଗ୍ଲୋବ୍ସ ଓ ମାସ୍କ ଦିଆଯିବାର ବ୍ୟବସ୍ଥା ହୋଇଛି। ସେହିଭଳି ସେମାନଙ୍କ ଶରୀରର ତାପମାତ୍ରା ବି ମପାଯିବ। କୌଣସି ଭୋଟରଙ୍କ ଶରୀରର ତାପମାତ୍ରା ସାଧାରଣରୁ ଅଧିକ ଥିଲେ ବା ସେମାନଙ୍କ ଠାରେ କୋଭିଡ୍ ରେ ଅନ୍ୟ କୌଣସି ଲକ୍ଷଣ ଥିଲେ ସେମାନଙ୍କୁ ପ୍ରବେଶ ଅନୁମତି ମିଳିବ ନାହିଁ। ସେମାନଙ୍କୁ ଏକ ଚିରକୁଟ୍ ଦେଇ ଘରକୁ ପଠାଇ ଦିଆଯିବ। ସେମାନେ ଭୋଟ୍ ଗ୍ରହଣର ଅନ୍ତିମ ୧ ଘଂଟାରେ ଆସି ସେମାନଙ୍କ ମତ ସାବ୍ୟସ୍ତ କରିପାରିବେ। ପିପିଲି ଉପନିର୍ବାଚନ ପାଇଁ ସେପ୍ଟେମ୍ବର ୩୦ରେ ସରକାରୀ ଅଫିସ ଛୁଟି ଘୋଷଣା କରାଯାଇଛି। ପିପିଲି ବିଧାନସଭା କ୍ଷେତ୍ରରେ ଥିବା ସମସ୍ତ ସରକାରୀ ଅଫିସ ଛୁଟି ଘୋଷଣା। ପିପିଲି-ଡେଲାଙ୍ଗ ଅଂଚଳରେ ଥିବା ସମସ୍ତ କୋର୍ଟ ବି ବନ୍ଦ ରହିବ ।ଉଲ୍ଲେଖ୍ୟଯୋଗ୍ୟ ଯେ ଦିବଙ୍ଗତ ବିଧାୟକ ପ୍ରଦୀପ ମହାରଥୀଙ୍କ ଦେହାନ୍ତ ପରେ ପିପିଲିରେ ଉପ-ନିର୍ବାଚନ ହେଉଛି । ଏହାପୂର୍ବରୁ ପିପିଲି ଉପନିର୍ବାଚନ ଦୁଇ ଦୁଇଥର ସ୍ଥଗିତ ହୋଇଛି । ଉପନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଅଜିତ ମଙ୍ଗରାଜଙ୍କ ଦେହାନ୍ତ ପରେ ନିର୍ବାଚନ ତାରିଖ ଘୁଂଚାଯାଇଥିଲା । ପରେ କରୋନାର ଦ୍ୱିତୀୟ ଲହରର ପ୍ରକୋପକୁ ଦୃଷ୍ଟିରେ ରଖି ନିର୍ବାଚନକୁ ସାମୟିକ ଭାବେ ସ୍ଥଗିତ ରଖିଥିଲେ ନିର୍ବାଚନ କମିସନ। ବିଜେଡି ପକ୍ଷରୁ ପ୍ରଦୀପ ମହାରଥୀଙ୍କ ପୁଅ ରୁଦ୍ରପ୍ରତାପଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ବିଜେପି ପକ୍ଷରୁ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ଏବଂ ସେହିଭଳି କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜ ଦେହାନ୍ତ ପରେ ଦଳ ଏଠାରେ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ରଙ୍କ ପ୍ରାର୍ଥୀ କରିଥିଲା ।ତେବେ ପିପିଲି ବାଜି କିଏ ଜିତିବ ତାହା ଉପରେ ସମସ୍ତଙ୍କର ନଜର ରହିବ ।

## ରାଜ୍ୟରେ ଟିକାକରଣ ୩ କୋଟି ଟପିଲା

ଭୁବନେଶ୍ୱର, ୨୯।୯(ପି.ଏନ): ଓଡ଼ିଶାରେ ବର୍ତ୍ତମାନ ପର୍ଯ୍ୟନ୍ତ ୩ କୋଟି ଡୋଜରୁ ଅଧିକ କରୋନା ଟିକାକରଣ ହୋଇଛି । ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ୍ ଜରିଆରେ ସୂଚନା ଦେଇଛି । ରାଜ୍ୟରେ ଟିକାକରଣକୁ ଅପୂର୍ବ ସଫଳତା ମିଳିଥିବାରୁ ସରକାର ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗର ଟିମ୍ କୁ ଧନ୍ୟବାଦ ଜଣାଯାଇଛି। ଟିକାକରଣରେ ରାଜ୍ୟକୁ ଏପରି ସଫଳତାର ଶ୍ରେୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଦେବା ସହ ସେମାନଙ୍କୁ ପ୍ରଶଂସା କରିଛନ୍ତି। ଏହି କାମରେ ଓଡ଼ିଶାରବାସୀ ମଧ ଯଥେଷ୍ଟ ସହଯୋଗ କରିଥିବାରୁ ସମସ୍ତଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଧନ୍ୟବାଦ ଦେଇଛନ୍ତି । ରାଜ୍ୟରେ ୩ କୋଟି ଭ୍ୟାକ୍ସିନେସନ ନେଇ ରେକର୍ଡ ପରେ ଟ୍ୱିଟ୍ କରି ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

## ୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୯।୯(ପି.ଏନ): ସୁଦୃଶ ଲଘୁଚାପ କ୍ଷେତ୍ର ଆଜି ଗାଙ୍ଗୀୟ–ପଶ୍ଚିମବଙ୍ଗ ଉପତ୍ୟାକାର ପଶ୍ଚିମ ଭାଗ ଓ ତା'ର ପାର୍ଶ୍ୱବର୍ତୀ ଅଂଚଳରେ ସକ୍ରିୟ ରହିଛି। ଏହାର ପ୍ରଭାବରେ ଉତର ଓ ଦକ୍ଷିଣ ଓଡ଼ିଶାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତାକାଲି(ଗୁରୁବାର) ସକାଳ ସାଢ଼େ ୮ଟା ଭିତରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବା ରହିଛି। ବର୍ଷା ଯୋଗୁ ତଳିଆ ଅଂଚଳର ବର୍ଷା ପାଣି ଜମି ରହିବ। ସୁବର୍ଣ୍ଣରେଖା ଅବବାହିକା ଅଂଚଳରେ ଜଳ ପତନ ବୃଦ୍ଧି ପାଇବ। ଏହି ସମୟ ମଧ୍ୟରେ ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ରେ ପ୍ରବଳ ବର୍ଷା ସମ୍ଭାବନା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଗୁରୁବାର ସକାଳ ସାଢ଼େ ୮ଟାରୁ ଶୁକ୍ରବାର ସକାଳ ସାଢ଼େ ୮ଟା ଭିତରେ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ପ୍ରକାଶ ପାଇଲା ଓଜେଇଇ ରେଜଲ୍ଟ, ରାଙ୍କ ପାଇଲେ ୪୯,୨୭୯ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୯।୯(ପି.ଏନ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ)ର ରେଜଲ୍ଟ ବୁଧବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ମୋଟ ୪୯,୩୬୦ ଜଣ ଙ୍କ ମଧ୍ୟରୁ ୪୯ ହଜାର ୨୭୯ ଜଣ ଛାତ୍ରଛାତ୍ରୀଙ୍କୁ ରାଙ୍କ ମିଳିଛି। ପିଲାମାନେ ଙଙଙ.କ୍ଟହରର.ଭସମ.ସଭ ଓ ଙଙଙ.କ୍ଷୟସସ୍ୱଷବହରର.ମକ୍ଟଞ୍ଚ ୱେବସାଇଟ୍ ରୁ ନିଜର ରାଙ୍କ ଜାଣିପାରିବେ। ବୁଧବାର ଅପରାହ୍ନରେ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଓଜେଇଇ-୨୦୨୧ର ରେଜଲ୍ଟ ପ୍ରକାଶ କରିଛନ୍ତି। ବି. ଫାର୍ମରେ ଲକ୍ଷ୍ମୀପ୍ରିୟା ସେନାପତି, ଏଲ୍ଇ.ଟେକ୍ (ଡିପ୍ଲୋମା)ରେ ପିଙ୍କିରାଣୀ ସାହୁ, ଏଲ୍ଇ.ଟେକ୍ (ବିଏସ୍ସି)ରେ ଦୀପକ ସା, ଏଲ୍ଇ.ଫାର୍ମାରେ ଗୁଣାକର ସାହୁ, ବି.ଟେକ୍ (ସ୍ପେଶାଲ)ରେ ପିୟୁଷ ଚନ୍ଦୁକା, ଏମ୍ବିଏରେ ଆଶୁତୋଷ ରଥ, ଏମ୍ସିଏରେ ନିଶିକାନ୍ତ ପରିଡ଼ା, ଇଂଟିଗ୍ରେଟେଡ ଏମ୍ବିଏରେ ରୁଦ୍ର ପ୍ରସାଦ ରଥ, ଏମ୍.ଫାର୍ମାରେ କେ ସଂଜନା ସୁବୁଦ୍ଧି, ଏମ୍ ଆର୍କିଟେକ୍ ରେ ପ୍ରଣବ ଚନ୍ଦ୍ର ବିନ୍ଧାଣୀ, ଏମ୍ ପ୍ଲାନରେ ବିଶ୍ୱଜିତ ସ୍ୱାଇଁ ଟପ୍ପର ହୋଇଛନ୍ତି ।ସେହିପରି ଏମ୍.ଟେକ୍ ସିଭିଲରେ ସୌମ୍ୟା ସାହୁ, ଇଲେକ୍ଟ୍ରିକାଲରେ ସତ୍ୟବ୍ରତ ସାହୁ, ମେକାନିକାଲରେ ମଳୟ କୁମାର ଓଝା, କମ୍ପ୍ୟୁଟର ସାଇନ୍ସରେ ସୌମ୍ୟ ସଂକେତ ପାତ୍ର, ଇଲେକଟ୍ରୋନିକ ଆଣ୍ଡ କମ୍ୟୁନିକେଶନରେ ଦୀପକ କୁମାର ପୃଷ୍ଟି, କେମିକାଲ ଇଞ୍ଜିନିୟରିଂରେ ସସ୍ମିତ ନାୟକ, ମେଟାଲୁରଜିକାଲରେ ସସ୍ମିତ କୁମାର ସାହୁ, ଏନଭରମେଂଟାଲରେ ଅମିତ କର, ବାଓଟେକ୍ନୋଲୋଜିରେ ସୁସ୍ମିତା ପତି, ପ୍ଲାଷ୍ଟିକରେ ସାଇସ୍ୱପ୍ନା ରାଉତରାୟ ଓ ଟେକ୍ସଟାଇଲରେ ଅଜିତ କୁମାର ସାହୁ ଟପ୍ପର ହୋଇଛନ୍ତି। ସୂଚନାଯୋଗ୍ୟ ଯେ କମ୍ପ୍ୟୁଟର ବେସ୍ ଟେଷ୍ଟ (ସିବିଟି) ମାଧ୍ୟମରେ ଚଳିତ ମାସ ୬ରୁ ୧୮ ତାରିଖ ମଧ୍ୟରେ ଜେଇଇଇ ପରୀକ୍ଷା ହୋଇଥିଲା। ମୋଟ ୧୨ଟି ବିଷୟରେ ୬୫ ହଜାର ୭୬୩ ଜଣ ପିଲା ନିଜର ନାମ ପଂଜୀକରଣ କରିଥିବା ବେଳେ ସେଥିରୁ ୪୯ ହଜାର ୩୬୦ ଜଣ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ। ରାଜ୍ୟର ୩୦ଟି ସହରରେ ୫୭ଟି କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ଏତଦ୍ ବ୍ୟତୀତ କୋଲକାତା, ରାଂଚି ଓ ପାଟଣାରେ ମଧ ପରୀକ୍ଷା ସେଂଟର ବ୍ୟବସ୍ଥ ହୋଇଥିଲା।

## ନିଜ ନିର୍ବାଚନ ମଣ୍ଡଳୀକୁ ବାଚସ୍ପତିଙ୍କ ଦୁଇଦିନିଆ ଗସ୍ତ

ଭୁବନେଶ୍ୱର, ୨୯।୯(ପି.ଏନ): ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଆଗାମୀ ସପ୍ତାହର ଗସ୍ତ କାର୍ଯ୍ୟସୂଚୀ ଚୁଡାନ୍ତହୋଇଛି । ଆସନ୍ତା କାଲି ଭୁବନେଶ୍ୱରରୁ ନିଜ ନିର୍ବାଚନ ମଣ୍ଡଳୀକୁ ଦୁଇଦିନିଆ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦଘାଟନ କରିବେ । ଏଥିରେ ଗୋଷ୍ଠୀ ଗୃହ, ବିଦ୍ୟାଳୟ କକ୍ଷ, ଆଦର୍ଶ ପୋଖରୀ, ଆଡି ବନ୍ଧ, ଉଠା ଜଳସେଚନ ପ୍ରକଳ୍ପ, ଗ୍ରାମ୍ୟ ରାସ୍ତା, ଅଙ୍ଗନୱାଡି କେନ୍ଦ୍ର, ଭାଗବତ ଟୁଙ୍ଗି, ଶ୍ମଶାନ ମଣ୍ଡପ, କଲ୍ୟାଣ ମଣ୍ଡପ, ସ୍ମାର୍ଟ କ୍ଲାସ, ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ପାନୀୟ ଜଳ ପ୍ରକଳ୍ପ, ପଂଚାୟତ ଗୃହ, ପାଠାଗାର ଗୃହ, ଶିଶୁ ପାର୍କ ପ୍ରଭୃତି ଅନ୍ତର୍ଭୁକ୍ତ । ୩୦ ସେପଟେମ୍ବର ଦିନ ସିଦ୍ଧେଶ୍ୱର ଗ୍ରାମପଂଚାୟତଅନ୍ତର୍ଗତ ଆଦିକନ୍ଦପୁର, କୁଶପଡା ଗ୍ରାମପଂଚାୟତ ଅନ୍ତର୍ଗତ ସାମନ୍ତରାପୁର, କେଦାରପୁର, ପଡାଣ୍ଡ ଏବଂ କୁଶପଡା ଠାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶୁଭାରମ୍ଭ କରିବେ । ଅକ୍ଟୋବର ୧ତାରିଖରେ ସକାଳ ୯.୧୦ ଘଟିକାରେ ପ୍ରେସ୍ କ୍ଲବ, ବ୍ରହ୍ମପୁରର ଏକ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇ ବିଶିଷ୍ଟ ସାମ୍ବାଦିକ ଡ଼ଃ ଜଗନ ମୋହନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ପରେ ନିଜ ନିର୍ବାଚନ ମଣ୍ଡଳୀର ଚାଂଚଡାପଲ୍ଲୀ, ବନ୍ଥପଲ୍ଲୀ, ବନ୍ଧଗୁଡା, ଅନ୍ଥେଇ ଠାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମରେ ଯୋଗ ଦେଇ ଭୁବନେଶ୍ୱର ପତ୍ୟାବର୍ତ୍ତନ କରିବେ। ତାପରେସନ୍ଧ୍ୟା ୭ ଘଣ୍ଟା ୩୦ ମିନିଟରେ ପୂର୍ବତନ ବାଚସ୍ପତି ଶରତ କୁମାର କରଙ୍କ ପ୍ରଥମ ରାଜ୍ୟ ସ୍ତରୀୟ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଶହୀଦ ନଗର କଲ୍ୟାଣ ମଣ୍ଡପ, ଭୁବନେଶ୍ୱର ଠାରେ ମୁଖ୍ୟ ଅତିଥି ରୂପେ ଯୋଗ ଦେବେ । ଅକ୍ଟୋବର ୨, ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବିଧାନସଭା ପରିସରରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତହେବ ।

## କିମ୍ସରେ ପ୍ରଥମ ସଫଳ କିଡ୍ନୀ ପ୍ରତ୍ୟାରୋପଣ



ଭୁବନେଶ୍ୱର, ୨୯।୯(ପି.ଏନ): ପ୍ରଥମର ଥର ଲାଗି କିମ୍ସରେ ସଫଳ କିଡ୍ନୀ ପ୍ରତ୍ୟାରୋପଣ କରାଯାଇଛି। ଜଣେ ୨୩ ବର୍ଷୀୟ ଯୁବକଙ୍କଠାରେ ସଫଳ କିଡ୍ନୀ ପ୍ରତ୍ୟାରୋପଣ କରାଯାଇଛି। ଯୁବକ ଜଣକ ସୁସ୍ଥ ହୋଇ ଆଜି ଘରକୁ ଫେରିଛନ୍ତି। ଯୁବକ ଜଣକ କିଡ୍ନୀ ରୋଗର ଶେଷ ପର୍ଯ୍ୟାୟ ଆକ୍ରାନ୍ତ ହୋଇ କିମ୍ସ ହସ୍ପିଟାଲ୍ରେ ଭର୍ତ୍ତି ହୋଇଥିଲେ। ପ୍ରଥମ ଥର ଲାଗି କିମ୍ସ ହସ୍ପିଟାଲ୍ର ଡାକ୍ତରୀଦଳ ଗତ ୧୯ ତାରିଖରେ ସଂପୃକ୍ତ ଯୁବକଙ୍କଠାରେ କିଡ୍ନୀ ପ୍ରତ୍ୟାରୋପଣ କରି ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି। ସଂପୃକ୍ତ ଯୁବକଙ୍କୁ ତାଙ୍କ ମାଆ କିଡନୀ ଦାନ କରିଥିଲେ। ୨୫ ତାରିଖରେ ଯୁବକଙ୍କ ମାଆ ସୁସ୍ଥ ହେଇ ଘରକୁ ଯାଇଥିବା ବେଳେ ଆଜି ପୁଅ ସୁସ୍ଥ ହୋଇ ଡାକ୍ତରଖାନାରୁ ଘରକୁ ଫେରିଛନ୍ତି। କିମ୍ସ ହସ୍ପିଟାଲ୍ର ନେଫ୍ରୋଲଜି ବିଭାଗର ଡା. ନିକୁଞ୍ଜ କିଶୋର ରାଉତ, ଡା. ଅଶ୍ୱିନୀ ପ୍ରସାଦ ପଟ୍ଟନାୟକ, ଡା. ରାଜେଶ କୁମାର ପାଢୀ, ଡା. କୁମାର ଅଭିଜିତ୍ ଦାଶ ଏବଂ ପ୍ରଫେସର ଡା. ସୁରେଶ ଚନ୍ଦ୍ର ଦାଶଙ୍କୁ ନେଇ ଗଠିତ ନେଫ୍ରୋଲୋଜି ଡାକ୍ତରୀଦଳ ଏବଂ ଡା. ସୁମନ୍ତ କୁମାର ମିଶ୍ର, ଡା. ଅମରେଶ ମିଶ୍ର, ଡା. ଜେ. ବି ଜଗଦ୍ଦେବ ଓ ଡା. ସୁମିତ୍ ପଣ୍ଡାଙ୍କୁ ନେଇ ଗଠିତ ଅସ୍ତ୍ରୋପଚାର ଡାକ୍ତରୀ ଦଳ ନିଶ୍ଚେତକ ବିଭାଗର ଡା. ସଞ୍ଜୟ ବେହେରା, ଡା ଲବ କୁମାର ନାୟକ ଏବଂ ଡା. ଜି. ସି. ଶତପଥୀଙ୍କୁ ନେଇ ଗଠିତ ପ୍ରତ୍ୟାରୋପଣ ଟିମ୍ ଦ୍ୱାରା ସଂପୃକ୍ତ ଯୁବକଙ୍କଠାରେ କିଡ୍ନୀ ପ୍ରତ୍ୟାରୋପଣ କରାଯାଇଥିଲା। ଡା. ନିକୁଞ୍ଜ କିଶୋର ରାଉତ ଏହି ଟିମ୍ର ନେତୃତ୍ୱ ନେଇଥିଲେ। କିଡ୍ନୀ ରୋଗର ଶେଷାବସ୍ଥା ପାଇଁ କିଡ୍ନୀ ପ୍ରତ୍ୟାରୋପଣ ଏକ ଫଳପ୍ରଦ ନିଦାନ ବୋଲି ଡା, ରାଉତ କହିଛନ୍ତି। ଗୋଟିଏ କିଡ୍ନୀ ଦାନ କରିଦେଲେ ମଣିଷ ଦୁର୍ବଳ ହୋଇଯିବ ଓ ସେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ବୋଲି ଲୋକଙ୍କ ମଧ୍ୟରେ ଯେଉଁ ଆଶଙ୍କା ରହିଛି ତାହା ଠିକ୍ ନୁହେଁ ବୋଲି ଡା ରାଉତ କହିଛନ୍ତି। ଏହା ସହ ଡାୟାଲିସିସ୍ ଏହାର ସ୍ଥାୟୀ ଉପଚାର ନୁହେଁ ବୋଲି ସେ କହିଛନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରେରଣା ଓ କିମ୍ସର ମହାନିର୍ଦ୍ଦେଶକ ଡା. ପି. କେ ପଟ୍ଟନାୟକଙ୍କ ନିରନ୍ତର ମାର୍ଗଦର୍ଶନ ଏବଂ ପ୍ରୋତ୍ସାହନ ଯୋଗୁଁ କିମ୍ସରେ ପ୍ରଥମ କିଡ୍ନୀ ପ୍ରତ୍ୟାରୋପଣ ସମ୍ଭବ ହୋଇପାରିଲା ବୋଲି ଡାକ୍ତରୀଦଳ ପ୍ରକାଶ କରିଛନ୍ତି। ଏହି ସଫଳତା ପାଇଁ ଶ୍ରୀ ସାମନ୍ତ ଡାକ୍ତରୀ ଦଳର ସମସ୍ତ ଡାକ୍ତର ଏବଂ ଅନ୍ୟ ସହଯୋଗୀ ସ୍ୱାସ୍ଥ୍ୟକର୍ମୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପିଏମ୍ ପୋଷଣ ଯୋଜନାରେ ୧୧.୮୦ କୋଟି ସ୍କୁଲ ଛାତ୍ରଛାତ୍ରୀ ହେବେ ଉପକୃତ : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୯।୯(ପି.ଏନ): ପୋଷଣର ବିକାଶ, ଶିକ୍ଷା ତଥା ପାଠପଢ଼ାକୁ ପ୍ରୋତ୍ସାହନ, ବିଦ୍ୟାଳୟରେ ନାମଲେଖା ବୃଦ୍ଧି, ପିଲାଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦି ଆଗାମୀ ୫ ବର୍ଷ ପାଇଁ ୧,୩୧,୦୦୦ କୋଟି ଟଙ୍କା ବ୍ୟୟବରାଦରେ ପିଏମ ପୋଷଣ ଶକ୍ତି ନିର୍ମାଣଯୋଜନା(ପିଏମ ପୋଷଣ)କୁ ମଞ୍ଜୁରୀ ଦେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ପ୍ରଧାନମନ୍ତ୍ରୀ ପୋଷଣଯୁକ୍ତ ଖାଦ୍ୟକୁ ପ୍ରାଥମିକତା ଦେଉଥିବା ବେଳେ କ୍ୟାବିନେଟ ମଞ୍ଜୁରୀପ୍ରାପ୍ତ ଏହି ଯୋଜନାଆଗାମୀ ଦିନରେ ଜନଆନ୍ଦୋଳନରେ ପରିଣତ ହେବ । ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିରୋ ହଙ୍ଗର ସହ ଗୁଣାତ୍ମକ ଶିକ୍ଷାର ଲକ୍ଷ୍ୟକୁ ପୂରଣ କରିବାରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ପୋଷଣ ପାଇଁ ଭାରତ ସରକାର ଖାଦ୍ୟାନ୍ନର ମୂଲ୍ୟ ସହ ୯୯,୦୬୧.୭୩ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ। ତିଥି ଭୋଜନ, ସୋସିଆଲ ଅଡ଼ିଟ, ବିଦ୍ୟାଳୟରେ ପୃଷ୍ଟିକର ଉଦ୍ୟାନ ଭଳି ଅନେକ ପଦକ୍ଷେପ ଏହି ଯୋଜନାର ସଠିକ୍ କାର୍ଯ୍ୟକାରିତାରେ ସହାୟକ ହେବ ଓ ପାଠପଢ଼ା ଏବଂ ପୋଷଣକୁ ମଧ ଗତି ଦେବ। ପିଏମ ପୋଷଣ ଶକ୍ତି ନିର୍ମାଣ ଯୋଜନା ଅଧୀନରେ ବାଲବାଟିକା ଶିଶୁଙ୍କ ସହ ଦେଶର ସରକାରୀ ଏବଂ ସରକାର ଅନୁଦାନ ପ୍ରାପ୍ତ ସ୍କୁଲ ଗୁଡ଼ିକ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବ । ଦେଶର ୧୧.୨୦ ଲକ୍ଷ ସ୍କୁଲରେ ପାଠ ପଢୁଥିବା ୧୧.୮୦ କୋଟି ଛାତ୍ରଛାତ୍ରୀ ଏହା ଦ୍ୱାରା ଉପକୃତ ହେବେ। ଏହି ଯୋଜନାରେ ଡିବିଟି ମାଧ୍ୟମରେ ସ୍କୁଲକୁ ସିଧାସଳଖ ଟଙ୍କା ପହଁଚାଇବାରେ ବ୍ୟବସ୍ଥା କରାଯାଇଛି । ଭୋକାଲ ଫର୍ ଲୋକାଲକୁ ସହଯୋଗ ଓ ଆତ୍ମନିର୍ଭର ଭାରତ ଅଭିଯାନର ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ପୋଷଣ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାରେ ଏଫପିଓ ଏବଂ ମହିଳା ଏସଏଚଜିଙ୍କୁ ଯୋଡ଼ିବ। ପ୍ରଧାନମନ୍ତ୍ରୀ ଜିରୋ ହଙ୍ଗର ସହ ଗୁଣାତ୍ମକ ଶିକ୍ଷାର ଲକ୍ଷ୍ୟକୁ ପୂରଣ କରିବା ପାଇଁ ନିରନ୍ତର ସହଯୋଗ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି।


WANTED

**Paryabekhyak** and **The Kalinga Chronicle Group** urgently need **Advertisement Executives** & **Accountants** for Bhubaneswar office. Any Graduate with Minimum 3 to 5 years experience in Advertising, Space Marketing for Advertisement Executives and B Com with knowledge in accounting (Tally) with 3 to 5 years experience for Accountants. Mail your resume within fifteen days to paryabekhyak@gmail.com & kalingachronicle@gmail.com
9853400829 (Whatsapp)



2021-2022
ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada





# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ (୧୮୩୫-୧୯୦୪)

❖ ନାସା ପ୍ରଥମ ସକ୍ରିୟ ସାଟେଲାଇଟ୍ ରିଲେ-୧କୁ ମହାଆକଶକୁ ପଠାଇଥିଲା (୧୯୬୨)

❖ ଭାରତୀୟ ସଂସଦ ଭବନରେ ଆତଙ୍କବାଦୀଙ୍କ ଆକ୍ରମଣ, ଆତଙ୍କବାଦୀ ସମେତ ୧୨ ମୃତ (୨୦୦୧)

❖ ଭାରତୀୟ ଅର୍ଥଶାସ୍ତ୍ର ବିଶାରଦ ସଂଜୟ ଲାଲଙ୍କ ଜନ୍ମ (୧୯୪୦-୨୦୦୫)

❖ ଭାରତୀୟ ଅଭିନେତ୍ରୀ ତଥା ଗୀତିକାର ସ୍ୱସ୍ତିକା ମୁଖାର୍ଜୀଙ୍କ ଜନ୍ମ (୧୯୮୦)

❖ ଭାରତୀୟ ବିଜ୍ଞାନ ଓ ପ୍ରଦ୍ୟୋଗିକ ମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କ ଜନ୍ମ (୧୯୫୪)

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା । ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଲୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଲୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

## ଆଜିର ଭାଗ୍ୟ

ମେଷ: ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

ବୃଷ: ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

ମିଥୁନ: ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

କର୍କଟ: ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

ସିଂହ: ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

କନ୍ୟା: ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

ତୁଳା: ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

ବିଛା: ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

ଧନୁ: ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

ମକର: କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

କୁମ୍ଭ: ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

ମୀନ: ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

# ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ୍‌ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

# ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।






## କବିବର ରାଧାନାଥ ରାୟ ଥିଲେ ଜନମାନସର କବି

ଭୁବନେଶ୍ୱର : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କବିବର ରାଧାନାଥ ରାୟଙ୍କ ୧୭୪ତମ ଜୟନ୍ତୀ ଉତ୍ସବ ଭୁବନେଶ୍ୱର ପିଏମ୍‌ଜି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ମଙ୍ଗଳବାର ପ୍ରତ୍ୟୁଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ଆୟୋଗ ଅଧକ୍ଷା ଡଃ ମିନତୀ ବେହେରା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ପ୍ରବୀର ମହାନ୍ତି, ସତ୍ୟ ଜେନା, ଜୟ ଓଡ଼ିଶା ସଙ୍ଗଠନ ଅଧକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ, ଅନ୍ୟ ସଭ୍ୟମାନେ, ଜ୍ୟୋତିପ୍ରଭା ସମ୍ପାଦକ ଆଶୁତୋଷ ସାମନ୍ତରାୟ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସଙ୍ଗେସଙ୍ଗେ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ କହିଥିଲେ ବାଲେଶ୍ୱର ଜିଲ୍ଲାର ସୋରୋ କେଦାରପୁରରେ ୧୮୪୮ ସେପ୍ଟେମ୍ବର ୨୮ ତାରିଖରେ ଜନ୍ମଗ୍ରହଣ କରି ୧୯୦୫ ଅପ୍ରେଲ୍ ମାସ ୧୬ ତାରିଖରେ ଇହଲୀଳା ସମ୍ବରଣ କରିଥିବା କବିବର ରାଧାନାଥ ରାୟ ଶିକ୍ଷକତାରୁ ସ୍କୁଲ୍ ସମୂହ ପରିଦର୍ଶକ ଦାୟିତ୍ୱ ନିର୍ବାହ କରିବା ମଧ୍ୟରେ ପ୍ରଥମେ ବଙ୍ଗଳା କବିତା ରଚନା କରିଥିଲେ ଓ ପରବର୍ତ୍ତୀ ଅବସ୍ଥାରେ ଓଡ଼ିଆ କାବ୍ୟ କବିତା ରଚନା କଲେ । ତାଙ୍କ କବିତାରେ ପାଶ୍ଚାତ୍ୟ ପ୍ରଭାବ ଥିଲେ ମଧ ତାଙ୍କ କାବ୍ୟ କବିତା ଜନମାନସକୁ ଗଭୀର ଭାବରେ ପ୍ରଭାବିତ କରୁଥିଲା । ଉତ୍କଳ ସାହିତ୍ୟ ସମାଜର ପ୍ରଥମ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ । ତାଙ୍କ କାଳଜୟୀ ରଚନାବଳୀରେ କବିବର ଓଡ଼ିଆ ସାହିତ୍ୟର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଧକ୍ଷା ଡଃ ମିନତୀ ବେହେରା ଓ ଜୟ ଓଡ଼ିଶା ଅଧକ୍ଷ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ କବିବର ରାଧାନାଥ ରାୟ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ୨ ଟ୍ରେନ ବାତିଲ୍ ,୬ଟିର ସମୟ ପରିବର୍ତ୍ତନ

ଭୁବନେଶ୍ୱର: ସଂଯୋଗ କରୁଥିବା ଟ୍ରେନ ବିଳମ୍ବରେ ଚାଲିବା ଦୃଷ୍ଟିରୁ ୨ଟି ଟ୍ରେନ୍ ବାତିଲ କରାଯାଇଥିବା ବେଳେ ୬ ଟି ଟ୍ରେନଗୁଡିକୁ ସାମୟିକ ପରିବର୍ତନ କରାଯାଇଛି। ରେଳବାଇର ସୂଚନା ଅନୁଯାୟୀ ୦୧୦୧୯ ଛତ୍ରପତି ଶିବାଜୀ ମହାରାଜ ଟର୍ମିନାଲ - ଭୁବନେଶ୍ୱର ସ୍ପେଶାଲ୍ ଟ୍ରେନ ୨୮ ସେପ୍ଟେମ୍ବର ୨୦୨୧ ରେ ଛତ୍ରପତି ଶିବାଜୀ ମହାରାଜ ଟର୍ମିନାଲରୁ ବାତିଲ ରହିବ। ୦୧୦୨୦ ଭୁବନେଶ୍ୱର - ଛତ୍ରପତି ଶିବାଜୀ ମହାରାଜ ଟର୍ମିନାଲ୍ ୩୦ ତାରିଖରେ ଭୁବନେଶ୍ୱରରୁ ବାତିଲ ରହିବ ।ସେହିପରି ୦୨୮୨୨ ଚେନ୍ନାଇ ସେଂଟ୍ରାଲ୍ – ହାଓ୍ୱଡା ସ୍ପେଶାଲ୍ ଟ୍ରେନ ଏହାର ପୂର୍ବ ନିର୍ଧାରିତ ୨୭ ସେପ୍ଟେମ୍ବର ରାତ୍ରି ୧୯ଟା୧୫ ପରିବର୍ତେ ତା ୨୮ ସେପ୍ଟେମ୍ବର ରେ ଚେନ୍ନାଇ ସେଂଟ୍ରାଲ ଠାରୁ ଦ୍ୱିପହର ୧୫ଟା୩୦ ରେ ଛାଡିବ । ୦୨୮୭୪ ଯଶବନ୍ତପୁର - ହାଓ୍ୱଡା ସ୍ପେଶାଲ୍ ଟ୍ରେନ ୨୮ ସେପ୍ଟେମ୍ବର ଯଶବନ୍ତପୁର ଠାରୁ ଦିବା ୧୦ଟା୧୫ ପରିବର୍ତେ ଦ୍ୱିପହର ୧୫୦୦ ଘଂଟାରେ ଛାଡିବ । ୦୨୨୪୬ ଯଶବନ୍ତପୁର – ହାଓ୍ୱଡା ସ୍ପେଶାଲ୍ ଟ୍ରେନ ୨୮ ସେପ୍ଟେମ୍ବର ଦିବା ୧୧ ଟା ପରିବର୍ତେ ତା ୨୯ ସେପ୍ଟେମ୍ବରରେ ଯଶବନ୍ତପୁର ଠାରୁ ସକାଳ ୫ ଟାରେ ଛାଡିବ ।ସେହିପରି ୦୮୦୪୮ ଭାସ୍କୋ ଡା ଗାମା – ହାଓ୍ୱଡା ସ୍ପେଶାଲ୍ ଟ୍ରେନ ୨୮ ତାରିଖରେ ଭାସ୍କୋ ଡା ଗାମା ଠାରୁ ସକାଳ ୬ଟା୩୦ ପରିବର୍ତେ ରାତ୍ରି ୨୦୩୦ ଟାରେ ଛାଡିବ । ୦୨୮୭୪ ଯଶବନ୍ତପୁର - ହାଓ୍ୱଡା ସ୍ପେଶାଲ୍ ଟ୍ରେନ ୨୭ ସେପଟ୍ମେ୍ବରତାରିଖ ଦିବା ୧୦୧୫ ପରିବର୍ତେ୨୮ ତାରିଖ ଯଶବନ୍ତପୁର ଠାରୁ ଦିବା ୧୦୧୫ ଘଂଟାରେ ଛାଡିବ ।

## ପଂଚମ ଜିଲ୍ଲା ପରିଷଦର ଦଶମ ଅଧିବେଶନ ଅନୁଷ୍ଠିତ



କେନ୍ଦୁଝର: ପଂଚମ ଜିଲ୍ଲା ପରିଷଦର ଦଶମ ଅଧିବେଶନ ଚଳିତ ସେପ୍ଟେମ୍ବର ମାସ ୨୯ ତାରିଖ ବୁଧବାର ଦିନ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ କମଳିନୀ ପାତ୍ରଙ୍କ ଅଧକ୍ଷତାରେ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଧିବେଶନରେ କେନ୍ଦୁଝର ଲୋକସଭା ସଦସ୍ୟା ଇଂ ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାଂ, ଜିଲ୍ଲାପାଳ ଆଶିଷ ଠାକରେ, ଜିଲ୍ଲା ପରିଷଦ ଉପାଧକ୍ଷ ଅକ୍ଷୟ କୁମାର ସାହୁ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଡି.ଏଫ୍.ଓ.(ଟି) ଧନରାଜ ଏଚ୍.ଡି., ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା, ପଂଚାୟତ ସମିତି ଅଧକ୍ଷ/ଅଧକ୍ଷା, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ କମଳିନୀ ପାତ୍ର ଏହି ଅଧିବେଶନରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ଜିଲ୍ଲାର ବିକାଶରେ ଜିଲ୍ଲା ପରିଷଦର ଉଲ୍ଲେଖନୀୟ ଭୂମିକା ରହିଛି । ଜିଲ୍ଲା ପରିଷଦ ଅଧିବେଶନ ଜିଲ୍ଲାର ସାମଗ୍ରିକ ଉନ୍ନତି ନିମନ୍ତେ ଆଲୋଚନା କରିବାର ଅବସର ଆଣିଥାଏ । ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାର ଉନ୍ନତି କିପରି ଅଧିକ ତ୍ୱରାନ୍ୱିତ ହୋଇପାରିବ, ସେଥିପାଇଁ ସମସ୍ତେ ନିଷ୍ଠାର ସହ କାମ କରିବାକୁ ନିବେଦନ କରିଥିଲେ । ଏତଦ୍‌ବ୍ୟତୀତ ମହାମାରୀ କରୋନା ବିରୁଦ୍ଧ ଲଢେଇରେ ଯୋଦ୍ଧା ଭାବେ ଭୂମିକା ନିର୍ବାହ କରି କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିଥିବାରୁ ସମସ୍ତଙ୍କୁ ସାଧୁବାଦ୍ ଜ୍ଞାପନ କରିଥିଲେ । ଏହି ଅଧିବେଶନରେ ଗତ ତା ୨୨.୦୧.୨୦୨୧ରିଖରେ ଅନୁଷ୍ଠିତ ହୋଇଥିବା ବୈଠକର ଦୃଢିକରଣ କରାଯାଇଥିଲା । ଏହାପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ଜିଲ୍ଲାରେ କୋଭିଡ୍ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ, ଟୀକାକରଣ ସ୍ଥିତି ସହିତ ସ୍ୱାସ୍ଥ୍ୟ ସେବାର ସ୍ଥିତି ସଂପର୍କରେ ଅବଗତ କରାଇଥିଲେ । ବିଶେଷତଃ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ଉନ୍ନତି, ଭିତିଭୂମିର ବିକାଶ, ଖାଲି ପଡିଥିବା ଡାକ୍ତର ତଥା ପାରାମେଡିକାଲ୍ ଷ୍ଟାଫ୍ ଇତ୍ୟାଦି ପଦବୀ ପୂରଣ ସଂପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ଆଗାମୀ ସମୟରେ ଡି.ଏମ୍.ଏଫ୍. ସହାୟତାରେ ଡାକ୍ତର ପଦବୀରେ ନିଯୁକ୍ତି ସମୟରେ ଦୂର ଦୂରାଂ ଚିକିତ୍ସାଳୟମାନଙ୍କରେ ଡାକ୍ତର ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିବା ବେଳେ କିମ୍ବା ରେଫରାଲ୍ କେସ୍‌ରେ ରୋଗୀମାନଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହୋଇ ଚିକିତ୍ସା ସେବା ଯୋଗାଇଦେବା ଉପରେ ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । କରୋନା ସଂକ୍ରମଣର ସମ୍ଭାବ୍ୟ ତୃତୀୟ ଲହରର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସେ ଅବଗତ କରାଇଥିଲେ । ଏତଦ୍‌ବ୍ୟତୀତ କେନ୍ଦୁଝର ଡି.ଏମ୍.ଏଫ୍. ସହାୟତାରେ ରୋଗୀଙ୍କର ସୁବିଧା ନିମନ୍ତେ ପ୍ରଚଳନ କରାଯାଇଥିବା ‘ସଂଜୀବନୀ’ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ଯେପରି କେନ୍ଦୁଝର ଜିଲ୍ଲାର ରୋଗୀ କଟକ ବଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଗଲେ ‘ସଂଜୀବନୀ’ କାର୍ଯ୍ୟକ୍ରମର ସୁବିଧା ପାଇପାରିବେ ଏବଂ ହଇରାଣ ହରକତ ନହେବେ, ସେଥିପାଇଁ ବିହିତ ପଦକ୍ଷେପ ନେବାକୁ ସଂପୃକ୍ତ କର୍ତୃପକ୍ଷଙ୍କୁ କୁହାଯାଇଥିଲା । ଉଚ୍ଚ ବିଦ୍ୟାଳୟମାନଙ୍କର ରୂପାଂରିକରଣ କାର୍ଯ୍ୟକ୍ରମକୁ ବୈଠକରେ ପ୍ରଶଂସା କରାଯାଇ ପ୍ରାଥମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କୁ ୫-ଟି ଅଂର୍ଗତ ରୂପାଂରିକରଣ କାର୍ଯ୍ୟକ୍ରମରେ ସାମିଲ୍ କରିବା ପ୍ରସ୍ତାବ ଗୃହିତ ହୋଇଥିଲା ଏବଂ ଏହା ସରକାରଙ୍କ ନିକଟକୁ ପଠାଯିବା ପାଇଁ ନିଷ୍ପତି ନିଆଯାଇଥିଲା । ଶିକ୍ଷା ବିଭାଗ ସଂପର୍କରେ ଆଲୋଚନା କରାଯାଇଥିଲା ଏବଂ ଖାଲି ପଡିଥିବା ପ୍ରଧାନ ଶିକ୍ଷକ ପଦବୀ ଏବଂ ଅନ୍ୟାନ୍ୟ ଶିକ୍ଷକ ପଦବୀ ପୂରଣ ଉପରେ ଆଲୋଚନା କରାଯାଇଥିଲା । କୃଷି ବିଭାଗ ଏବଂ କୃଷି ଉପରେ ଆଲୋଚନା କରାଯାଇ ଜିଲ୍ଲା ଫସଲ ଖସଡା, ଜଳସେଚନ, ଖରିଫ୍ ଋତୁ ପାଇଁ ବିହନ ଯୋଗାଣ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ଓ ଲକ୍ଷ୍ୟ ହାସଲ, ରାସାୟନିକ ସାର ଯୋଗାଣ ସଂପର୍କରେ ଆଲୋଚନା କରାଯାଇଥିଲା । ପୂର୍ତ୍ତ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ସଂପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ଜିଲ୍ଲାରେ ଥିବା ଉକ୍ତ ବିଭାଗର ରାସ୍ତାଗୁଡିକର ଉନ୍ନତିକରଣ ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ଏବଂ ଏହି ମର୍ମରେ ଜିଲ୍ଲାପାଳ ଶ୍ରୀ ଠାକରେ ସଂପୃକ୍ତ ବିଭାଗୀୟ ନିର୍ବାହୀଯନ୍ତ୍ରୀମାନଙ୍କୁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଆଂଚଳିକ ଅଧିକାରୀ, ରାଜ୍ୟ ପ୍ରଦୂଷଣ ବୋର୍ଡ, କେନ୍ଦୁଝର ଜିଲ୍ଲାରେ ହେଉଥିବା ପ୍ରଦୁଷଣ ଏବଂ ଏହାର ନିରାକରଣ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ବୈଠକରେ ଅବଗତ କରାଇଥିଲେ । ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଷୟରେ ଆଲୋଚନା କରାଯାଇଥିଲା । ଜିଲ୍ଲାର ସମସ୍ତ ଘରକୁ ପାନୀୟ ଜଳ ଯୋଗାଣ ପାଇଁ ହାତକୁ ନିଆଯାଇଥିବା ପ୍ରକଳ୍ପର କାମ ୯୦ ଶତକଡା ସରିଗଲାଣି ବୋଲି ଅଧିକ୍ଷଣ ଯନ୍ତ୍ରୀ ଅବଗତ କରାଇଥିଲେ । ଜିଲ୍ଲାରେ ଉଠାଜଳସେଚନ ବିଭାଗର କାର୍ଯ୍ୟକ୍ରମ ସଂପର୍କରେ ବିଭାଗୀୟ ଅଧିକାରୀ ଅବଗତ କରାଇଥିଲେ । ବିଦ୍ୟୁତକରଣ ବିଭାଗର କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ଓ ରୂପାୟନ ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ଜିଲ୍ଲାର ମାନ୍ୟବର ସାଂସଦ ଓ ମାନ୍ୟବର ବିଧାୟକବୃନ୍ଦ ଜିଲ୍ଲାରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ କିପରି ଜନସାଧାରଣ ପାଇପାରିବେ ଏବଂ ଯୋଜନା ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଇପାରିବ, ସେ ସଂପର୍କରେ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ ।

# ଜାତୀୟ ରେଡକ୍ରସରେ ଓଡିଶା ରେଡକ୍ରସର ବିରଳ କୃତିତ୍ୱ




ଭୁବନେଶ୍ୱର, (ପିଏନ);- ଭାରତୀୟ ରେଡକ୍ରସ ସୋସାଇଟିର ବାର୍ଷିକ ସାଧାରଣ ବୈଠକ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ତରଫରୁ ଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, କନିଷ୍ଠ ରେଡକ୍ରସ ଅଧିକାରୀ ଶ୍ରୀ ଲକ୍ଷ୍ମଣ ସ୍ୱାଇଁ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ବା ସେମାନଙ୍କ ପ୍ରତିନିଧି, ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟମାନେ ଯୋଗ ଦେଇଥିଲେ । ସୁଶ୍ରୀ ସିଟିଏମ. ସୁଗୁଣା ରାଜ୍ୟରେ କ୍ରିୟାଶୀଳ ସମସ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ଭାରତୀୟ ରେଡକ୍ରସ ସୋସାଇଟିର ସହଯୋଗକୁ ବର୍ଣ୍ଣନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ଜାତୀୟ ସ୍ତରରେ ରେକର୍ଡ ସଂଖ୍ୟକ ୭ଗୋଟି ପୁରସ୍କାର ଗ୍ରହଣ କରି ବିରଳ କୃତିତ୍ୱ ହାସଲ କରିଛନ୍ତି । ସର୍ବାଧିକ ରକ୍ତଦାନ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ବର୍ଷ ନିମନ୍ତେ ତଥା ସର୍ବାଧିକ ଅନୁଦାନ ସଂଗ୍ରହ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ଏବଂ ୨୦୧୮-୨୦୧୯, ବର୍ଷ ନିମନ୍ତେ ଶ୍ରେଷ୍ଠ ରାଜ୍ୟ ଶାଖା ଭାବରେ ଓଡିଶା ସମ୍ମାନୀତ ହୋଇଛି । ଏତତ୍ ବ୍ୟତିତ ବ୍ୟକ୍ତିଗତ ସଫଳତା ନିମନ୍ତେ ସ୍ୱେଚ୍ଛାସେବୀ ଶ୍ରୀମତୀ ଗୀତାଞ୍ଜଳି ପଣ୍ଡା ଓ ମାଲକାନଗିରି ଯୁବ ରେଡକ୍ରସ ପରାମର୍ଶଦାତା ଡ. ରଂଜନ କୁମାର ସ୍ୱାଇଁଙ୍କୁ ଜାତୀୟ ରେଡକ୍ରସ ମେରିଟ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି । ଏହି ସମସ୍ତ ସଫଳତା ନିମନ୍ତେ ସମସ୍ତ ସ୍ୱେଚ୍ଛାସେବୀ ତଥା ଯୁବ ରେଡକ୍ରସ, କନିଷ୍ଠ ରେଡକ୍ରସର ସମସ୍ତ କର୍ମକର୍ତ୍ତା, କାର୍ଯ୍ୟାଳୟ କର୍ମଚାରୀମାନଙ୍କୁଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, ସାଧୁବାଦ ଜଣାଇଛନ୍ତି ।

## ଖାତାବୁକ୍ ମାଇଁଷ୍ଟୋର୍ ଆପ୍ ପକ୍ଷରୁ ମାତ୍ର ୧୫ ମିନିଟ୍‌ରେ ବ୍ୟବସାୟୀଙ୍କୁ ଅନ୍‌ଲାଇନ୍ ବ୍ୟବସାୟ କରିବାର ସୁବିଧା ପ୍ରଦାନ

ଭୁବନେଶ୍ୱର: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଫିନ୍‌ଟେକ୍ ଷ୍ଟାର୍ଟ-ଅପ୍, ଖାତାବୁକ୍ ଏବେ ଆଣ୍ଡ୍ରଏଡ୍‌ରେ ଏହାର ‘ମାଇଁଷ୍ଟୋର୍’ ଆପ୍‌ର ଶୁଭାରମ୍ଭ କରିଛି। ସହଜ ସାଇନ୍-ଅପ୍ ପ୍ରକ୍ରିୟା ସହିତ ଏହା ହେଉଛି ଏକ ଅନ୍ତର୍ନିହିତ ଓ ସୁରକ୍ଷିତ ଇଂଟରଫେସ୍ ବିଶିଷ୍ଟ ଆପ୍, ଯାହାକି ବ୍ୟବସାୟୀମାନଙ୍କଦ୍ୱାରା ୧୫ ମିନିଟ୍ ମଧ୍ୟରେ ସେମାନଙ୍କର ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥାଏ। ଖାତାବୁକ୍‌ର ‘ମାଇଁଷ୍ଟୋର୍’ ଆପ୍ ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ଯାହା ବ୍ୟବହାରର ସହଜତା ଓ ସର୍ବଭାରତୀୟ ଗ୍ରହଣୀୟତାକୁ ସୁନିଶ୍ଚିତ କରୁଛି। ଏହି ଆପ୍ ବ୍ୟବସାୟୀମାନଙ୍କୁ ସାମାଜିକ ଦୂରତା ନିୟମ ବଜାୟ ରଖି ବ୍ୟବସାୟ ଜାରି ରଖିବାକୁ ସକ୍ଷମ କରିଥାଏ। ମାଇଁଷ୍ଟୋର୍ ଆପ୍‌କୁ ପୂର୍ବରୁ ଦେଶର ୨୫ ଲକ୍ଷରୁ ଅଧିକ ବ୍ୟବସାୟୀ ଇନ୍‌ଷ୍ଟଲ କରିଛନ୍ତି। ଏହି ଆପ୍‌ରେ ଫ୍ଲାଗସିପ୍ ବା ମୂଳ ଖାତାବୁକ୍ ଆପ୍‌ର ୟୁଜର୍ ଆଧାରର ଏକ ତୃତୀୟାଂଶରୁ ଅଧିକ ୟୁଜର୍ ପ୍ରୋଫାଇଲ ସଂଲଗ୍ନ ଥିବା ଅନୁମାନ କରାଯାଉଛି। ଏହି ଆପ୍‌ର ଲଂଚ୍ ଅବସରରେ ସହପ୍ରତିଷ୍ଠାତା ତଥା ସିଇଓ ରବିଶ ନରେଶ କହିଛନ୍ତି, ଆମେ ନିରନ୍ତର ଭାବେ ଦକ୍ଷତା ବୃଦ୍ଧି ସହିତ ଭାରତର ଏମ୍‌ଏସ୍‌ଏମ୍‌ଇ ବର୍ଗ ପାଇଁ ବ୍ୟବସାୟ ସଂଚାଳନ ଖର୍ଚ୍ଚକୁ ହ୍ରାସ କରିବା ଲାଗି ଉପାୟ ଖୋଜୁଛୁ। ମାଇଁଷ୍ଟୋର ଆପ୍‌ର ଉନ୍ମୋଚନ ଏହି ଉଦ୍ଦେଶ୍ୟ ଉପରେ ଆଧାରିତ ଏବଂ ଏହା ଡିଜିଟାଲ ଯୁଗରେ ବ୍ୟବସାୟ କରିବାର ଏକ ଅଧିକ ବିକଶିତ ଉପାୟ ପାଇଁ ଅଫର୍ ଓ ଏକ ଦୃଢ ବୈଷୟିକ ଭିତିଭୂମି ପ୍ରଦାନ କରୁଛି। ମାଇଁଷ୍ଟୋର୍ ଆପ୍‌କୁ ବ୍ୟବହାର କରିବା ଲାଗି ପ୍ରଥମେ ଏହାକୁ ଡାଉନ୍‌ଲୋଡ୍ କରନ୍ତୁ। ପରେ ଏଥିରେ ନାମ, ଉତ୍ପାଦ ଓ ମୂଲ୍ୟ ପରି ବ୍ୟବସାୟ ସମ୍ବନ୍ଧିତ ତଥ୍ୟ ଦିଅନ୍ତୁ। ନିଜ ପସନ୍ଦର ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଗ୍ରାହକଙ୍କ ସହିତ ଷ୍ଟୋର୍ ଲିଙ୍କ୍ ନିୟୋଜିତ କରନ୍ତୁ ଓ ବିକ୍ରି ଆରମ୍ଭ କରନ୍ତୁ। ଖାତାବୁକ୍ ଆପ୍‌ର ମାସିକ ସକ୍ରିୟ ଉପଭୋକ୍ତା ଆଧାର ୮୦ ଲକ୍ଷ ରହିଥିବା ବେଳେ ଏହା ପାରମ୍ପରିକ ବ୍ୟବସାୟ ଉଧାର ଖାତାବହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ସୁଧାର ଆଣିଛି। ଏହି ଆପ୍ କିରାନା ଷ୍ଟୋରଠାରୁ ଆରମ୍ଭ କରି ମୋବାଇଲ ରିଚାର୍ଜ ଦୋକାନ, ଗାରମେଂଟ୍ ଡିଲର ଓ ଜୁଏଲର୍ସ ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଅଧିକ ପ୍ରକାରର ବ୍ୟବସାୟକୁ ସେବା ପ୍ରଦାନ କରୁଛି।

## ନ୍ୟୁହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ଓ୍ୱାରେଟିଂ ଘୋଷଣା

ଭୁବନେଶ୍ୱର : ପୃଥିବୀର ଅଗ୍ରଣୀ ଏଗ୍ରିକଲଚର ବ୍ରାଣ୍ଡ୍ ନ୍ୟୁ ହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ଭାରତରେ ଏହାର ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ଓ୍ୱାରେଟିଂ ଘୋଷଣା କରାଯାଇଛି। ପ୍ରଥମ କରି ନ୍ୟୁ ହଲାଣ୍ଡ ପକ୍ଷରୁ ଏଭଳି ସୁବିଧା ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି। କମ୍ପାନୀ ପକ୍ଷରୁ ୬ ବର୍ଷ ଏବଂ ୬୦୦୦ ଘଂଟାର ଓ୍ୱାରେଂଟି ପଲିସି ୨୦୨୦ ଅକ୍ଟୋବର ୨ଠାରୁ ଲାଗୁ ହୋଇଛି। ଏହି ଓ୍ୱାରେଂଟି ସୁବିଧା ସହଜରେ ରିସେଲ୍ ସମୟରେ ବିକ୍ରେତାଙ୍କଠାରୁ କ୍ରେତାଙ୍କ ପାଖକୁ ଟ୍ରାନ୍ସଫର୍ ମଧ ହୋଇପାରିବ। ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତ ଏବଂ ସାର୍କର ପରିଚାଳନା ନିର୍ଦ୍ଦେଶକ ତଥା କଂଟ୍ରି ହେଡ୍ ରୌନକ୍ ବର୍ମା କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ଜ୍ଞାନକୌଶଳ, ବିଶ୍ୱାସନୀୟତା ଏବଂ ଗୁଣବର୍ତ୍ତା ପାଇଁ ଖ୍ୟାତି ହାସଲ କରିପାରିଛି। ଆମେ ଆମର ଉତ୍ପାଦ ଉପରେ ବେଶ୍ ନିଶ୍ଚିତ। ତେଣୁ ଆମେ ୬ ବର୍ଷର ଓ୍ୱାରେଂଟି ସୁବିଧା ଭାରତରେ ସମସ୍ତ ଟ୍ରାକ୍ଟର ଉପରେ ଘୋଷଣା କରିଛୁ। ଦେଶର କୃଷକମାନଙ୍କ ପ୍ରତି ଥିବା ଆମର ପ୍ରତିଶ୍ରୁତି ବଦ୍ଧତାକୁ ଏହା ସୂଚିତ କରୁଛି। ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତର ସେଲସ୍ ନିର୍ଦ୍ଦେଶକ ବିମଲ କୁମାର କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ପକ୍ଷରୁ ଘୋଷଣା କରାଯାଇଥିବା ୬ ବର୍ଷର ଟି-ଓ୍ୱାରେଂଟି ଆମର ଶ୍ରେଷ୍ଠ ଜ୍ଞାନକୌଶଳକୁ ପ୍ରତିପାଦିତ କରିବାକୁ ସକ୍ଷମ ହୋଇଛି। ଏହି ଓ୍ୱାରେଂଟି ସୁବିଧା ପରବର୍ତ୍ତୀ କ୍ରେତାଙ୍କ ପାଖକୁ ସହଜରେ ଟ୍ରାନ୍ସଫର ହୋଇପାରିବ। ନ୍ୟୁ ହଲାଣ୍ଡ ଏଗ୍ରିକଲଚରର ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ଟ୍ରାକ୍ଟର ଉପଲବ୍ଧ କରାଯାଇଥାଏ। ଏହା ସହିତ ସମସ୍ତ ଚାଷ ଉପକରଣ ଚାଷ ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ଉପଲବ୍ଧ କରାଇଥାଏ। ଏହା ଘାସ ଏବଂ ଚାରା ରୋପଣ ଉପକରଣ, ପ୍ଲାଂଟର, ବାଲେର, ସ୍ପ୍ରେୟର, ଟିଲର ଉପକରଣ ଆଦି ପ୍ରସ୍ତୁତ କରିଥାଏ। କମ୍ପାନୀର ଟ୍ରାକ୍ଟର ରେଞ୍ଜ ଉନ୍ନତ ଜ୍ଞାନକୌଶଳ ଆଧାରରେ ନିର୍ମିତ। ଏଗୁଡ଼ିକ ବିଶେଷ ଶକ୍ତିଶାଳୀ ଏବଂ ଏହାର ଇଞ୍ଜିନ୍ ଇନ୍ଧନ ସଂଚୟକାରୀ। ଭାରତବ୍ୟାପି କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଆବଶ୍ୟକ ତାଲିମ୍ ବିକ୍ରି ପରବର୍ତ୍ତୀ ସେବା ଅନ୍ତର୍ଗତ ମଧ ଯୋଗାଇ ଦିଆଯାଇଥାଏ।

## ରାଜ୍ୟରେ କରୋନାରେ ଆଉ ୭ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୮୧୮୭ହେଲା

ଭୁବନେଶ୍ୱର: ରାଜ୍ୟରେ କରୋନାରେ ଆଉ ୭ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୧୮୭ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଜଗତସିଂହପୁର ଜିଲ୍ଲାରୁ ୨ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । କଟକ, ଗଂଜାମ, ଯାଜପୁର, କେନ୍ଦ୍ରାପଡା ଓ ଖୋର୍ଧା ଜିଲ୍ଲାରୁ ୧-୧ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି ।ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ।

# ଫୋନ୍‌ପେ ପକ୍ଷରୁ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଡିଜିଟାଲ ପେମେଂଟ୍ ପ୍ଲାଟ୍‌ଫର୍ମ ଫୋନ୍‌ପେ ପକ୍ଷରୁ ଆଜି ବଜାଜ୍ ଆଲିଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସ ସହ ଘରୋଇ କାର୍ ଓ ଦୁଇଚକିଆ ଯାନ ମାଲିକଙ୍କ ପାଇଁ ନିଜ ପ୍ଲାଟ୍‌ଫର୍ମରେ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦର ଶୁଭାରମ୍ଭ କରାଯାଇଛି । ଏହାଦ୍ୱାରା ୨୩୦ ମିଲିୟନରୁ ଅଧିକ ଫୋନ୍‌ପେ ଉପଭୋକ୍ତା ବିନା କୌଣସି ବାଧାରେ ୨ ମିନିଟ୍ ମଧ୍ୟରେ ନିଜ କାର୍ ଓ ବାଇକ୍‌ର ଇନ୍‌ସ୍ୟୁରାନ୍ସ କରିପାରିବେ। ଏହା କିଣିବା ପାଇଁ ସେମାନଙ୍କୁ କୌଣସି ଡକ୍ୟୁମେଂଟ୍ ଅପ୍‌ଲୋଡ୍ କରିବାର ଆବଶ୍ୟକତା ନାହିଁ ଏବଂ ଏଥିସହିତ ସେମାନେ ଆପ୍‌ରେ ତତ୍କାଳ ନିଜର ବୀମା କାଗଜପତ୍ର ମଧ ଦେଖିପାରିବେ। ଫୋନ୍‌ପେର କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦ ବର୍ତ୍ତମାନର ବଜାର ଦର ଅନୁଯାୟୀ ଉପଲବ୍ଧ ସବୁଠାରୁ ଶସ୍ତା ଉତ୍ପାଦ ମଧ୍ୟରୁ ଅନ୍ୟତମ। ଫୋନ୍‌ପେ’ରେ କାର୍ ଓ ବାଇକ୍ ଇନ୍‌ସ୍ୟୁରାନ୍ସ କରିଥିବା ଗ୍ରାହକମାନେ ବାଧାମୁକ୍ତ ନବୀକରଣ, ଦେଶବ୍ୟାପୀ ଗ୍ୟାରେଜ୍‌ରେ କ୍ୟାଶଲେସ୍ ମରାମତି ଓ ମେଂଟେନାନ୍ସ ସର୍ଭିସ୍ ଓ ୨୦ ମିନିଟ୍ ମଧ୍ୟରେ ସ୍ମାର୍ଟଫୋନ୍-ସାମର୍ଥ୍ୟ କ୍ଲେମ୍ ସେଟେଲ୍‌ମେଂଟ୍ ସୁବିଧା ପାଇପାରିବେ। ଫୋନ୍‌ପେ ଉପଭୋକ୍ତାମାନେ ନିଜର ଆବଶ୍ୟକତା ମୁତାବକ କାର୍ ଇନ୍ସ୍ୟୁରାନ୍ସ ଯୋଜନାର ମୂଲ୍ୟ ଯେପରିକି ଶୂନ୍ୟ ମୂଲ୍ୟହ୍ରାସ, ୨୪ଓ୍ୱ୭ ରୋଡ୍‌ସାଇଡ୍ ସହାୟତା ଓ ଇଞ୍ଜିନ୍ ସୁରକ୍ଷାକୁ ଅନୁକୂଳିତ କରିପାରିବେ। ଶୂନ୍ୟ ମୂଲ୍ୟ ହ୍ରାସ ଯାନବାହନକୁ ଏହାର ଅଂଶର ମୂଲ୍ୟରେ ବାର୍ଷିକ ମୂଲ୍ୟ ହ୍ରାସ ଚିନ୍ତା ନକରି ସୁରକ୍ଷା କରିବାରେ ସାହାଯ୍ୟ କରିଥାଏ ଓ ସମ୍ପୂର୍ଣ୍ଣ କ୍ଲେମ୍ ରାଶି ପେମେଂଟ୍ କରିଥାଏ, ଯାହାଦ୍ୱାରା ଗ୍ରାହକଙ୍କୁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡିନଥାଏ। ଏସମ୍ପର୍କରେ ଫୋନ୍‌ପେ ଇନ୍ସ୍ୟୁରାନ୍ସ ବିଭାଗର ଉପାଧକ୍ଷ ଓ ମୁଖ୍ୟ ଗୁଞ୍ଜନ ଘାଇ କହିଛନ୍ତି, “ଏହି ଦୁଇ ଉତ୍ପାଦ ଗ୍ରାହକଙ୍କ ସମସ୍ତ ଇନ୍ସ୍ୟୁରାନ୍ସ ଆବଶ୍ୟକତା ପାଇଁ ଗୋଟିଏ ବନ୍ଧବ୍ୟସ୍ଥଳ ଓ ଆମର ଲକ୍ଷ୍ୟ ଅନୁରୂପ ଅଟେ। ଆମର ଲକ୍ଷ୍ୟସ୍ଥଳରେ ପହଂଚିବା ଓ ଗ୍ରାହକଙ୍କ ଦୃଷ୍ଟିକୋଣ ସହିତ ଆମେ ମୋଟର ଇନ୍ସ୍ୟୁରାନ୍ସ କିଣିବା ପାଇଁ ଏକ ସରଳ, ଶୀଘ୍ର ଓ ସୁବିଧାଜନକ ଉପାୟ ପ୍ରଦାନ କରୁଛୁ ଓ ସୁଗମ ନବୀକରଣ ମଧ ସକ୍ଷମ କରିଛୁ।” ସେହିପରି ବଜାଜ ଆଲିଆନ୍ସ ଜେନେରାଲ ଇନ୍ସ୍ୟୁରାନ୍ସର ଓ୍ୱେବ୍ ସେଲ୍‌ଓ ଓ ଟ୍ରାଭେଲ୍‌ର ଅଧିକକ୍ଷ ଓ ମୁଖ. ସୌରଭ ଚାଟାର୍ଜୀ କହିଛନ୍ତି, “ଆମେ ସବୁବେଳେ ପ୍ରୟାସ କରିଥାଉ ବଜାରରେ ଏଭଳି ବୀମା ଉତ୍ପାଦ ଉପଲବ୍ଧ କରିବା ପାଇଁ, ଯାହା ଗ୍ରାହକଙ୍କ ପାଇଁ ସରଳ, ବୁଝିବାରେ ସହଜ, କ୍ରୟ ଓ ଦାବି କରିବା ପାଇଁ ସହଜ ହୋଇପାରିବ। ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନକାରୀଙ୍କ ସହ ଆମର ସହଭାଗିତା ସେହି ଦିଗରେ ଆଉ ଏକ ଛୋଟ କିନ୍ତୁ ବିଶାଳ ପଦକ୍ଷେପ। ଭବିଷ୍ୟତରେ ଆମେ ଏହି ପ୍ଲାଟ୍‌ଫର୍ମ ଅନେକ ନୂତନ ଓ ଅଭିନବ ଉତ୍ପାଦ ଗୁଡିକ ଶୁଭାରମ୍ଭ କରିବୁ। ଫୋନ୍‌ପେର ଉପଭୋକ୍ତାମାନେ ସେମାନଙ୍କର ବାଇକ୍ ଓ କାର୍‌ଗୁଡିକୁ କିଛି ସରଳ ପଦକ୍ଷେପରେ ବୀମାଭୁକ୍ତ କରିପାରିବେ।

# ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ

ଭୁବନେଶ୍ୱର: ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଏହାର ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରାଯାଇଛି । ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରିଥିବା ଭାରତ ହେଉଛି ପ୍ରଥମ ଦେଶ। ଉଭୟ ମୋଟରସାଇକେଲ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ଡିଲରସିପ୍‌ଗୁଡିକରେ ଆଜିଠାରୁ ଉପଲବ୍ଧ ହେବ। ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସରକୁ ଜର୍ମାନୀର ମ୍ୟୁନିକ୍‌ଠାରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଏହାକୁ ଭାରତର ହୋସୁର୍‌ଠାରେ କୋ-ଅପରେଶନ ପାର୍ଟନର ଟିଭିଏସ୍ ମୋଟର କମ୍ପାନୀ ଦ୍ୱାରା ସ୍ଥାନୀୟ ଭାବେ ବିଏସ-ଭିଆଇ ନିୟମ ଅନୁଯାୟୀ ଉତ୍ପାଦନ କରାଯାଇଛି। ଏହାର ଏକ୍ସ-ଶୋ’ରୁମ୍ ମୂଲ୍ୟଗୁଡିକ ଯେପପରିକି ବିଏମଡ଼ବ୍ଲ୍ୟୁ ଜି୩୧୦ଆର ମାତ୍ର ୨,୪୫,୦୦୦ରେ ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ମାତ୍ର ୨,୮୫,୦୦୦ରେ ଉପଲବ୍ଧ ହେଉଛି । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ଏବେ ବିଏମଡ଼ବ୍ଲ୍ୟୁ ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସେସ୍ ମାଧ୍ୟମରେ ଯଥାକ୍ରମେ ମାତ୍ର ୪,୫୦୦ ଏବଂ ୫,୫୦୦ ରୁ ଆରମ୍ଭ ହେଉଥିବା ସମସ୍ତ-ଇନ୍‌କ୍ଲୁସିଭ୍ ମାସିକ ଇନ୍‌ଷ୍ଟଲ୍‌ମେଂଟ୍ ସହିତ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ବା ଋଣ ଯୋଜନାରେ ଉପଲବ୍ଧ ହେଉଛି । ଏସମ୍ପର୍କରେ ବିଏମଡ଼ବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଂଟ୍, ବିକ୍ରମ ପାଓ୍ୱା କହିଛନ୍ତି, ବିଶ୍ୱସ୍ତରରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଉଭୟ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ସହିତ ଦ୍ରୁତ ଅଭିବୃଦ୍ଧିଶୀଳ ସବ -୫୦୦ ସିସି ସେଗ୍‌ମେଂଟ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ହଜାର ହଜାର ଚାଳକ ଓ ଉତ୍ସାହୀମାନଙ୍କ ପାଇଁ,



ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଶୁଦ୍ଧ ମୋଟରସାଇକ୍ଲିଙ୍ଗ୍‌କୁ ଦୈନନ୍ଦିନ ଜୀବନ ପାଇଁ ପୁନଃପରିଭାଷିତ କରିଥିଲା। ସେହିପରି ଆଡ୍‌ଭେଂଚର୍ ଓ ଆନନ୍ଦ ଚାହୁଁଥିବା ଚାଳକଙ୍କ ପାଇଁ ଅଫ୍-ବିଟ୍ ଟ୍ରାକ୍ ନେବା ପାଇଁ ଏକ ଉପଯୁକ୍ତ କାରଣ ପ୍ରଦାନ କରିଥିଲା। ନିଜର ନୂତନ ଅବତାରରେ ଉଭୟ ମୋଟରସାଇକେଲ୍‌ରେ ଆକର୍ଷଣୀୟ ଡିଜାଇନ୍ ମୋଡିଫିକେସନ, ନୂତନ ଟେକ୍ନୋଲୋଜି ଓ ଉନ୍ନତ ରାଇଡିଙ୍ଗ ଡାଇନାମିକ୍ସକୁ ସାମିଲ କରାଯାଇଛି। ଆମେ ଉଭୟ ବାଇକ୍‌କୁ ଏକ ଆକର୍ଷଣୀୟ ମୂଲ୍ୟ, ଅତୁଳନୀୟ ମାସିକ କିସ୍ତି ଓ ମାଲିକାନା ମୂଲ୍ୟ ହ୍ରାସ ସହ ଶୁଭାରମ୍ଭ କରିଥିଲୁ। କ୍ଲୋଜ୍-ନିଟ୍ ଓ ପ୍ୟାସୋନେଟ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ସମୁଦାୟର ଏକ ଅଂଶ ହେବା ଲାଗି ଏହା ହେଉଛି ଏକ ଚିତାକର୍ଷକ ଆମନ୍ତ୍ରଣ। ଏହା ଏହାଠାରୁ ଅଧିକ ଭଲ ହୋଇପାରିବ ନାହିଁ। ତେଣୁ ଆଗକୁ ବଢନ୍ତୁ ଓ ‘ମେକ୍ ଲାଇଫ୍ ଏ ରାଇଡ୍’।“ ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ, ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ର ପ୍ରିମିୟମ ଡିଲର ନେଟ୍‌ଓ୍ୱର୍କ ମାଧ୍ୟମରେ ବିକ୍ରି ହେବ ଓ ସର୍ଭିସ୍ କରାଯିବ, ଯାହାକି ଦିଲ୍ଲୀ (ଲ୍ୟୁଟିଏନ୍ସ ମୋଟୋରାଡ୍), ମୁମ୍ବାଇ (ନବ୍‌ନୀତ ମୋଟର୍ସ), ପୁନେ (ବାଭାରିଆ ମୋଟର୍ସ),ଚେନ୍ନାଇ (କେୟୁଏନ ମୋଟୋରାଡ୍), ବେଙ୍ଗାଲୁରୁ (ଟସ୍କର ମୋଟୋରାଡ), ଅହମ୍ମଦାବାଦ (ଗ୍ୟାଲୋପ୍ସ ଅଟୋହାଉସ୍), କୋଚି (ଇଭିଏମ ଅଟୋକ୍ରାଫ୍ଟ), ହାଇଦ୍ରାବାଦ (ଜେଏସପି ମୋଟୋରାଡ୍), ଇନ୍ଦୋର (ମ୍ୟୁନିକ୍ ମୋଟର୍ସ), ଲକ୍ଷ୍ନୌ (ସ୍ୱିଡ୍ ମୋଟର୍ସ), ଚଣ୍ଡୀଗଡ (କ୍ରିଷ୍ଣା ଅଟୋମୋବାଇଲ୍ସ), ଜୟପୁର (ପ୍ରତାପ ମୋଟୋରାଡ୍), ରାୟପୁର (ମନ୍ଧନ ମୋଟର୍ସ), କଟକ (ଓଏସଏଲ ପ୍ରେଷ୍ଟିଜ୍),(ଓଏସଏଲ ପ୍ରେଷ୍ଟିଜ୍),ଓ ରାଂଚି (ଟାଇଟାନିୟମ ଅଟୋସ୍) ଭଳି ଭାରତର ପ୍ରମୁଖ ସହରଗୁଡିକରେ ଉପସ୍ଥିତ ରହିଛି।




# ଓଡିଆରେ ଇଂଜିନିୟରିଂ ପୁସ୍ତକ ପ୍ରସ୍ତୁତିର ସମୀକ୍ଷା




ଭୁବନେଶ୍ୱର (ପିଏନ୍): ଆସନ୍ତା ଶିକ୍ଷାବର୍ଷରେ ଓଡିଆରେ ଇଂଜିନିୟରିଂ ଶିକ୍ଷାପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିପାଇଁ ଓଡିଆରେ ପୁସ୍ତକ ଅନୁବାଦ ପଦ୍ଧତି କାର୍ଯ୍ୟର ସମୀକ୍ଷା କରାଯାଇଥିଲା। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅଧିନସ୍ଥ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ପ୍ରଫେସର ଅନୀଲ ସହସ୍ରବୁଦ୍ଧେଙ୍କଦ୍ୱାରା ଆୟୋଜିତ ଏହି ବୈଠକରେ ପରିଷଦର ମୁଖ୍ୟ ସଂଯୋଜକ ତଥା କମ୍ପୁଟର ବିଜ୍ଞାନୀ ଚନ୍ଦ୍ରଶେଖର ବୁଦ୍ଧ କିପରି ଅତି ସହଜରେ କମ୍ପ୍ୟୁଟର ଅନୁବାଦ ପ୍ରୋଗ୍ରାମ ମାଧ୍ୟମରେ ଇଂରାଜୀରୁ ଯେକୌଣସି ଭାରତୀୟ ଭାଷାରେ ଇଂଜିନିୟରିଂ ପାଠର ସରଳ ଅନୁବାଦ ହୋଇପାରୁଛି, ତାହା ଉପସାପନ କରିଥିଲେ। ଓଡିଆରେ ଏହାର ଅନୁବାଦ ପ୍ରଦର୍ଶନ ବେଳେ କମ୍ପ୍ୟୁଟର ଅନୁବାଦ ସମ୍ପର୍କୀତ ଏପର୍ଯ୍ୟନ୍ତ ଯେତେସବୁ ଅନୁବାଦ ସଫ୍ଟୱେୟାର ଅଛି, ଏହା ସବୁଠାରୁ ଉତ୍କୃଷ୍ଟ ବୋଲି ଉପସ୍ଥିତ ଥିବା ଓଡିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଓଡିଆଭାଷା ଉପରେ କାମ କରୁଥିବା କମ୍ପ୍ୟୁଟର ବିଜ୍ଞାନୀଗଣ ମତ ଦେଇଥିଲେ। ତେବେ ଅନୁବାଦ ସମୟରେ ବ୍ୟାକରଣଗତ ସମସ୍ୟା ନ ଥିବାବେଳେ ଓଡିଆ ଶବ୍ଦଗୁଚ୍ଛ ଅଧିକ ଦିଆଯାଇ ନ ଥିବାରୁ ଅନେକ ଇଂରଜୀ ଶବ୍ଦର ପ୍ରଚଳିତ ପ୍ରକୃତ ଓଡିଆ ଶବ୍ଦ ବଦଳରେ ବିକୃତ ରୂପାଂରଣ ଘଟୁଥିବାର ଦେଖିବାକୁ ମିଳିଥିଲା। ତେଣୁ ଏହାର ଭାଷା ସମୀକ୍ଷା କରିବାର ଆବଶ୍ୟକତା ଉପରେ ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପକ୍ଷରୁ ଗୁରୁତ୍ୱ ଆରୋପ କରାଯାଇଥିଲା। ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଏମ.ପି. ପୁନିଆ ଅନୁବାଦ କାର୍ଯ୍ୟକ୍ରମ ସହିତ ଓଡିଆ ପରିଭାଷା ପ୍ରସ୍ତୁତିର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଭାରତ ସରକାରଙ୍କ ପକ୍ଷରୁ ବିଭିନ୍ନ ଭାଷାର ଅନେକ ପରିଭାଷା ପ୍ରସ୍ତୁତ ହେଉଥିବାରୁ ଓଡିଆରେ ଏହା ତୁରଂ ପ୍ରସ୍ତୁତ କରାଯାଉ ବୋଲି କହିଥିଲେ। ଜଣେ ଛାତ୍ର ଏକ ନିର୍ଦ୍ଦିଷ୍ଟ ଭାଷା ପୃଷ୍ଠଭୂମିରୁ ଆସି ଉଚ୍ଚଶିକ୍ଷାପାଇଁ ବୈଷୟିକ ଶିକ୍ଷା ଗ୍ରହଣ କଲାବେଳେ ଇଂରାଜୀରେ ବୁଝିବା ଅସୁବିଧା ହେଉଥିବାରୁ ବୈଷୟିକ ଶିକ୍ଷା ପରିଷଦ ମାତୃଭାଷାରେ ଶିକ୍ଷାଦାନ ସାମଗ୍ରୀ ଯୋଗାଇବାପାଇଁ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରିଛି, ଯେଉଁଥିରେ ସମସ୍ତ ବୈଷୟିକ ଶବ୍ଦଗୁଡ଼ିକ ଇଂରାଜୀରେ ଏକ ଅନୁବାଦିତ ରୂପରେ ରହିବ। ବିଦ୍ୟାର୍ଥୀର ବୁଝିବା ସହଜ ହେବାପରେ ଏହାର ଉପସ୍ଥାପନାପାଇଁ ଇଂରାଜୀ ଭାଷା ଶିକ୍ଷା ବାଧ୍ୟତାମୂଳକ ରହିବ। ବିଦ୍ୟାର୍ଥୀଙ୍କପାଇଁ ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ସହିତ ମିଳିତ ଭାବରେ ବୈଷୟିକ ଶିକ୍ଷା ପରିଷଦ ଓଡିଆରେ ବୈଷୟିକ ଶବ୍ଦକୋଷ ଓ ପୁସ୍ତକ ପ୍ରସ୍ତୁତ କରିବେ ବୋଲି ପରିଷଦର ନିର୍ଦ୍ଦେଶକ କର୍ଣ୍ଣେଲ ଭେଙ୍କଟ ସୂଚାଇଥିଲେ। ଏହି ବୈଠକରେ ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପକ୍ଷରୁ ଅଧ୍ୟକ୍ଷ ଶ୍ରୀଯୁକ୍ତ ଅବସର ବେଉରିଆ, ପ୍ରଫେସର ଓଁକାରନାଥ ମହାଁ, ଡକ୍ଟର ସୁବ୍ରତ ପୃଷ୍ଟି, ଡକ୍ଟର ସିପ୍ରା ମଲ୍ଲିକ, ପ୍ରଫେସର ନଟବର ଶତପଥୀ, ବିଜୁ ପଟ୍ଟନାୟକ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟ କୁଳପତି, ସୋଆ ବିଶ୍ୱବିଦ୍ୟାଳୟର କମ୍ପୁଟର ବିଭାଗର ମୁଖ୍ୟ ପ୍ରଫେସର ଅଜିତ ନାୟକ, ଓପେକାର ସଚିବ ଶ୍ରୀ ବିନୋଦ ଦାଶ, ପ୍ରଫେସର ଅଶୋକ ପଣ୍ଡା, ପ୍ରଫେସର କେ ଆର ଶ୍ରୀ ବସ୍ତନ, ଡକ୍ଟର କେ ସର୍ବେଶ୍ୱର ରାଓ, ଇଂ. ବିବେକ ପାଣି ପ୍ରମୁଖ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ

ତୁରୁମୁଙ୍ଗା (ପିଏନ୍):କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ବଡ ଗମ୍ଭାରିଆ ଗାଁ ନିକଟ ହାଟପଡିଆରୁ ଠାବ ହୋଇଛି ଜଣେ ଯୁବକର ମୃତଦେହ । ମୃତକଙ୍କ ନାମ ଲୋକଙ୍କ ମହାନ୍ତ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ ଗୋଲକ ବାପା ଯୋଗେଶ୍ୱର ଓ ଭାଇଙ୍କ ସହିତ ବଚସା ହୋଇଥିଲା । ଏହାପରେ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ଘଟଣାସ୍ଥଳରେ ତୁରୁମୁଙ୍ଗା ଥାନା ପୋଲିସ ପହଂଚି ମୃତଦେହକୁ ଜବତ କରିବା ସହ ଶବ ବ୍ୟବଛେଦ ପାଇଁ ପଠାଇଛି । ବ୍ୟବଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ୍ କହିଛି । ପୋଲିସ୍ ତୁରମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

# ଭାରତ ବନ୍ଦ ଡାକରା ସଫଳ

ଯାଜପୁର (ପିଏନ୍)- ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭାରତୀୟ ସଂଯୁକ୍ତ କୃଷକ ସଙ୍ଗଠନ ଓ ୪ ଗୋଟି ସର୍ବଭାରତୀୟ ଟ୍ରେଡ଼ ୟୁନିୟନ ଡାକରାରେ ଭାରତ ବନ୍ଦକୁ ସଫଳ କରିବା ନିମନ୍ତେ ସମ୍ପୂର୍ଣ୍ଣଭାବେ ସମର୍ଥନ ଦେଇଥିଲା । କେନ୍ଦ୍ର ବିଜେପି ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ୩ ଗୋଟି ଜାତୀୟ କୃଷି ଆଇନ ବିରୁଦ୍ଧରେ ଦୀର୍ଘବର୍ଷରୁ ଉର୍ଦ୍ଧ୍ୱ ହେବ ରାଜରାସ୍ତା ଅବରୋଧ, ଧାରଣା, ରାଲି, ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲେ ମଧ୍ୟ ମୋଦୀ ସରକାରଙ୍କର ଶିଳ୍ପପତି ଓ କର୍ପୋରେଟ ଅଫିସ୍ ସହ ମଧୁର ସମ୍ପର୍କ ହେତୁ ତାହା ପ୍ରତ୍ୟାହାର ହୋଇପାରୁନାହିଁ । ଜାତୀୟ କଂଗ୍ରେସ ଓ ବିରୋଧୀ ଦଳ ପକ୍ଷରୁ ଭାରତୀୟ ସଂଯୁକ୍ତ କୃଷକ ମୋର୍ଚ୍ଚାକୁ ନିରନ୍ତର ସମର୍ଥନ ଜଣାଇ ଆସିଛି । ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦଙ୍କ ନେତୃତ୍ୱରେ ପୂର୍ବତନ ଏମ୍.ପି. ଅଞ୍ଚଳ ଦାସ, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ, ଦଳିତ ସେଲ କଂଗ୍ରେସ ସଭାପତି ଦୁର୍ଯ୍ୟୋଧନ ବେହେରା, ଉପସଭାପତି ବିଭୂତି ମହାପାତ୍ର, ଉପସଭାପତି ରାଜୀବ ମହାପାତ୍ର, ଉପସଭାପତି ଅବଦୁଲ ସଲିମ, ଆଡ଼ଭୋକେଟ୍ ଅଶୋକ ବିଶ୍ୱାଳ, ପୂର୍ବତନ ପସିସି ସମ୍ପାଦକ ଭାସ୍କର ମହାନ୍ତି, ମହିଳା କଂଗ୍ରେସ ସଭାନେତ୍ରୀ ପ୍ରତିମା କର, କନକଲତା ରାଉତ, ଜିଲ୍ଲା ଆଇନ କଂଗ୍ରେସ ସଭାପତି ନିତାଇ ଚାନ୍ଦ ମହାନ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷିକେଶ ପତି, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ଯାଜପୁର ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସ, ଅକ୍ଷୟ କୁମାର ଶତପଥି, ପୂର୍ବତନ ସରପଞ୍ଚ ଜଗବନ୍ଧୁ ଜେନା, ବିଦ୍ୟାଧର ବାରିକ, ଗୋବିନ୍ଦ ଚନ୍ଦ୍ର ସାହୁ, ଭରତ ଚନ୍ଦ୍ର ଜେନା, କପିଳେଶ୍ୱର ଦଳେଇ, ସ୍ୱରାଜ ଜେନା, ପରିମଳ ବିଶ୍ୱାଳ, ଅନିରୁଦ୍ଧ ରାଉତ, ସନ୍ତୋଷ କୁମାର ରାଉତ, ଅରଜିତ ନାୟକ, ବାସୁଦେବ ଜେନା, ବିଜୟ ମହାପାତ୍ର, ନକୁଳଦେବ ସାହୁ, ଅମୂଲ୍ୟ ବିଶ୍ୱାଳ, ନିକୁଞ୍ଜ ସାମଲ, ମିଡ଼ିଆ ସେଲର ଆଦିତ୍ୟ ମହାନ୍ତି ପ୍ରମୁଖ ବନ୍ଦରେ ସାମିଲ ହୋଇଥିଲେ । ଯାଜପୁରର ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ବ୍ୟାଙ୍କ, ଏଲ.ଆଇ.ସି. ଅଫିସ୍ ବନ୍ଦ ହୋଇଯାଇଥିଲା । ବନ୍ଦକୁ ସମର୍ଥନ ଜଣାଇ ଗାଡ଼ିମୋଟର, ଟ୍ୟାକ୍ସି, ବସ୍, ଟ୍ରକ୍ ଯାତାୟାତ ବନ୍ଦ ରହିଥିଲା । ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବିରୁଦ୍ଧରେ ଜିଲ୍ଲାପାଳ, ଜିଲ୍ଲା ଜଜ୍, ଯାଜପୁର ବ୍ଲକ୍ ଅଫିସ୍ ସମ୍ମୁଖରେ କଂଗ୍ରେସ କର୍ମୀମାନଙ୍କ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ଓ ନୀତି ବିରୁଦ୍ଧରେ ସ୍ଲୋଗାନ ଦିଆଯାଇଥିଲା ।

## କାଇପଦର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଜିଲ୍ଲା କାଇପଦର ଶ୍ରୀଜଗନ୍ନାଥ କଲେଜରେ ଜାତୀୟ ସେବା ଯୋଜନା ସମର ଶିକ୍ଷାର୍ଥୀ ବାହିନୀ ଓ ରେଡ଼କ୍ରସର ମିଳିତ ସହଯୋଗରେ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ରାୟସିଂହ, ପ୍ରାକ୍ତନ ଅଧ୍ୟକ୍ଷ ତଥା ଖୋର୍ଦ୍ଧାର ପ୍ରାକ୍ତନ ବିଧାୟକ ଡ଼କ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ, ଖୋର୍ଦ୍ଧା ଜିଲ୍ଲା ରେଡ଼କ୍ରସର ସଂଯୋଜକ ରଞ୍ଜନ ମହାପାତ୍ରଙ୍କ ଉପସ୍ଥିତିରେ ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ପ୍ରାକ୍ତନ ସଂଯୋଜକ ତଥା ଭୁବନେଶ୍ୱର ରୋଟାରୀ କ୍ଲବ୍ ଏକାମ୍ର କ୍ଷେତ୍ରର ସଭାପତି ଡ଼କ୍ଟର ଅଚ୍ୟୁତାନନ୍ଦ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଛାତ୍ରଛାତ୍ରୀ ତଥା ପ୍ରାକ୍ତନ ଛାତ୍ର ଛାତ୍ରୀମାନେ ମିଶି ସର୍ବ ମୋଟ ୪୦ ୟୁନିଟ୍ ରକ୍ତ ଦାନ କରିଥିଲେ। ଏହି ଶିବିରକୁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ତରୁଣକାନ୍ତି ରାୟ, ଅନୁପମା ଚମ୍ପତିରାୟ, ମାନସ ଜୟସିଂହ, ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ ଅଧ୍ୟାପକ ସୁଧାଂଶୁ ରଣସିଂହ, ରେଡ଼କ୍ରସର କାଉନସିଲର ଡ଼କ୍ଟର ଜନ୍ମେଜୟ ଚୌଧୁରୀ ତଥା ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

# ପୌରପାଳିକା ଅଞ୍ଚଳରେ ସ୍ଥାୟୀ ଥଇଥାନ ପାଇଁ ବାଲେଶ୍ୱର ଓଭରବ୍ରିଜ୍ ବ୍ୟବସାୟୀ କମିଟିର ପ୍ରଶାସନକୁ ନିବେଦନ

ବାଲେଶ୍ୱର (ପିଏନ୍): ବେକାରୀଙ୍କୁ ରୋଜଗାରକ୍ଷମ କରିବା ପାଇଁ ବହୁ ବର୍ଷ ପୂର୍ବେ ପ୍ରଶାସନ ପକ୍ଷରୁ ଓଭରବ୍ରିଜ୍ ତଳେ ଦୋକାନ ଘର ପ୍ରଦାନ କରାଯାଇଥିଲା। ଦୋକାନ ଉପରେ ନିର୍ଭର କରୁଥିବା ୧୭୦ ବ୍ୟବସାୟୀ ବ୍ୟବସାୟ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ଦୋକାନ ଘର ବିତରଣ ବେଳେ ଯେଉଁ ସବୁ ସର୍ତ୍ତ ରହିଥିଲା ସେ ସବୁ ପାଳନ କରି ଆସୁଥିଲେ ବୋଲି ଦୋକାନ ବ୍ୟବସାୟ ପକ୍ଷରୁ ଏକ ସମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି। ଜିଲ୍ଲା ପ୍ରଶାସନ କିନ୍ତୁ ଆଜି ସେମାନଙ୍କୁ ଉଚ୍ଛେଦ କରିବା ପାଇଁ ଚାହିଁଛନ୍ତି। ସର୍ବୋଚ୍ଚ ନ୍ୟାୟଳୟରେ ଏଥି ପାଇଁ ମୋକଦ୍ଦମା ଚାଲିଛି। ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ଆସିବା ପୂର୍ବରୁ ତରବରିଆ ଭାବେ ଜିଲ୍ଲା ପ୍ରଶାସନ ଉଚ୍ଛେଦ ପାଇଁ ପଦକ୍ଷେପ ନେବାକୁ ଯାଉଥିବା ଜଣାଯାଇଛି। କରୋନା ମହାମାରୀ ସମୟରେ ବେପାର ଏକ ପ୍ରକାର ବନ୍ଦ ହୋଇଯାଇଥିବା ବେଳେ ସେମାନଙ୍କ ପରିବାର ଏବେ ବହୁ ଦୟନୀୟ ଅବସ୍ଥାରେ ରହିଛନ୍ତି। ଏପରି ସମୟରେ ଜିଲ୍ଲା ପ୍ରଶାସନ ଆସନ୍ତା ୩୦ ତାରିଖ ସୁଧା ଓଭରବ୍ରିଜ୍ ତଳେ ଥିବା ଦୋକାନ ଘରଗୁଡ଼ିକୁ ଉଚ୍ଛେଦ କରି ଆମ୍ଭମାନଙ୍କୁ ମୃତ୍ୟୁ ମୁହଁକୁ ଠେଲି ଦେବାକୁ ଚାହୁଁଛନ୍ତି। ଓଭରବ୍ରିଜ୍ ତଳୁ ପୂର୍ବରୁ ଉଚ୍ଛେଦ କରାଯାଇଥିବା ୬ ଜଣ ବ୍ୟବସାୟୀଙ୍କୁ ଏପର୍ଯ୍ୟନ୍ତ ଥଇଥାନ କରାଯାଇ ନାହିଁ। ସେମାନଙ୍କ ପରିବାର ଏବେ ବହୁ କଷ୍ଟରେ ଜୀବନ କାଟୁଛନ୍ତି। ଉଚ୍ଛେଦର ନିର୍ଦ୍ଦେଶନାମା ପରେ ଥଇଥାନ ପୂର୍ବକ ଯେଉଁ ଉଚିତ ବ୍ୟବସ୍ଥା କରାଯିବା କଥା ତାହା ପ୍ରଶାସନ ପକ୍ଷରୁ ହୋଇ ନାହିଁ। ଅସ୍ଥାୟୀ ଭାବେ ସହରଠାରୁ ବହୁ ଦୂରରେ ଯେଉଁ ସ୍ଥାନ ଆମ୍ଭମାନଙ୍କୁ ଦିଆଯାଇଛି ସେଥିରେ ଆମ୍ଭମାନଙ୍କର ବ୍ୟବସାୟ ବନ୍ଦ ହୋଇଯିବ ଏଥିରେ ଆଦୌ ସନ୍ଦେହ ନାହିଁ। ବ୍ରିଜ୍ ମରାମତି କ୍ଷେତ୍ର ଆମ୍ଭେ ବିରୋଧ କରିବାକୁ ଚାହୁଁ ନାହୁଁ। କିନ୍ତୁ ଆମ୍ଭମାନଙ୍କୁ ଓଭରବ୍ରିଜ୍ ମରାମତି ଶେଷ ହେଲା ପରେ ପୁଣି ସେଠାରେ ଥଇଥାନର ବ୍ୟବସ୍ଥା କରାଯାଉ। ଯଦି ଏହା ସମ୍ଭବ ନୁହେଁ ତେବେ ମ୍ୟୁନିସିପାଲଟି ଅଞ୍ଚଳରେ ସପିଙ୍ଗ କମ୍ପ୍ଲେକ୍ସ କରାଯାଇ ସେଥିରେ ଥଇଥାନ କରାଯାଉ ବୋଲି ଦାବି କରିଛନ୍ତି। ଯଦି ଆମକୁ ଏଦିଗରେ ଉଚିତ ନ୍ୟାୟ ନ ମିଳେ ତେବେ ସାମୂହିକ ଆତ୍ମହତ୍ୟା ହିଁ ଆମ୍ଭମାନଙ୍କର ଏକମାତ୍ର ବିକଳ୍ପ ହେବ ବୋଲି ମାର୍କେଟ କମ୍ପ୍ଲେକ୍ସ ୟୁନିୟନ ପକ୍ଷରୁ ଅନୁଷ୍ଠିତ ସମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଆଇନଜୀବୀ ପ୍ରଭାତ ଖଣ୍ଡେଲୱାଲ, ବ୍ୟବସାୟ ରାଜେନ୍ଦ୍ର ନାୟକ, ମନୋରଞ୍ଜନ ବେହେରା, ନନ୍ଦକିଶୋର ଦେ, ରଘୁନାଥ ସାହୁ, ଦୀନବନ୍ଧୁ ବେହେରା, ଜାଫର ହୋଦା ପ୍ରମୁଖ ଉପସ୍ଥିତ ରହି ସେମାନଙ୍କର ମତାମତ ପ୍ରକାଶ କରିଥିଲେ।

# ବିଜେଡିରେ ମିଶିଲେ ଧର୍ମଶାଳାର ବିଜେପି ନେତା ରମେଶ ପରିଡା



ଧର୍ମଶାଳା (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ପରିଡା(ତୁଷାର) ନିଜର ସମର୍ଥକମାନଙ୍କ ସହ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ । ଦଳର ବିଭିନ୍ନ ପଦପଦବୀରୁ ଇସ୍ତଫା ଦେବାର କିଛି ସମୟ ପରେ ସେମାନେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି । ଏହି ଅବସରରେ ଭୁବନେଶ୍ୱରସ୍ଥିତ ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡିର ରାଜ୍ୟ ସାଙ୍ଗଠନିକ ସଂପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ତାଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶ ମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ସେ ବିଜେପି ଛାଡିଥିବା ତାଙ୍କ ପ୍ରତିକ୍ରିୟାରେ କହିଥିଲେ । ବିଜେଡି ରାଜ୍ୟ ସାଧାରଣ ସଂପାଦକ ତଥା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବଂରାୟଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଓ କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ଶ୍ରୀ ପରିଡା ଓ ତାଙ୍କର ଶତାଧିକ ସମର୍ଥକ ବିଜେଡିରେ ଯୋଗ ଦେବାପରେ ଦଳ ଅଧିକ ମଜବୁତ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । କଂଗ୍ରେସ ଦଳରୁ ରାଜନୀତି ଆରମ୍ଭ କରିଥିବା ଶ୍ରୀ ପରିଡା ବିଜେଡି ଗଠନ ହେବା ପରେ ସେ ଦିବଂଗତ ନେତା କଳ୍ପତରୁ ଦାସଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିଲେ । ପରେ ବିଜେଡିର ଧର୍ମଶାଳା ବ୍ଲକ ସଭାପତି, ବିଧାୟକଙ୍କ ପ୍ରତିନିଧି, ପଂଚାୟତ ସମିତି ଅଧ୍ୟକ୍ଷ ହୋଇ ସ୍ୱର୍ଗତ ଦାସଙ୍କ ଘନିଷ୍ଠ ହୋଇ ପାରିଥିଲେ । ତେବେ ୨୦୦୯ ସାଧାରଣ ନିର୍ବାଚନରେ ସେ ପଂଚାୟତ ସମିତି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ସହ ବିଜେଡି ଛାଡି ବିଜେପିର ବିଧାୟକ ପ୍ରାର୍ଥୀ ହୋଇଥିଲେ । ପରେ ସେ ୨୦୧୪ ଓ ୨୦୧୯ରେ ମଧ୍ୟ ବିଜେପି ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ । ନିକଟରେ କଂଗ୍ରେସ ପ୍ରାର୍ଥୀ ସ୍ମୃତିରେଖା ପହି ବିଜେପିରେ ଯୋଗଦେବା ଘଟଣାରେ ସମ୍ଭବତ ଅସୁଖୀ ଥିବା ଶ୍ରୀ ପରିଡା ବିଜେପିରେ ରହିବାକୁ ଆଉ ଉଚିତ୍ ମନେ କରି ନଥିଲେ । ସେହିପରି ଯାଜପୁର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଚୈତନ୍ୟ ସାମଲ, ଉପସଭାପତି ମହେନ୍ଦ୍ର କୁମାର ପଣ୍ଡା, ସଂପାଦକ ମୋନାଲିଶା ଦାଶ, କବାଟବନ୍ଧ ମଣ୍ଡଳ ସଭାପତି ବିଜୟ କୁମାର ନାୟକ, ଜେନାପୁର ମଣ୍ଡଳ ସଭାପତି ନିରଂଜନ ବେହେରା, ସାଧାରଣ ସଂପାଦକ ରମେଶ ଚନ୍ଦ୍ର ବେହେରା, ମାନସ ମହାଁ, ଆରୁହା ମଣ୍ଡଳ ସଭାପତି ଅଶୋକ କୁମାର ସାହୁ, ସାଧାରଣ ସଂପାଦକ, ପ୍ରଭଜଂନ ମହାଁ, ପ୍ରଫୁଲ୍ଲ କୁମାର ବେହେରା, ରାଜ୍ୟ ପରିଷଦ ସଦସ୍ୟ ଆଶିଷ କୁମାର ବଳ, ବିଜେପି ନେତା ପ୍ରମୋଦ କୁମାର ଦାସ, ରଘୁନାଥ ବେହେରା, ଧବଳେଶ୍ୱର ରାଉତ, ଶୁକଦେବ ସ୍ୱାଇଁ, ସଚ୍ଚିଦାନନ୍ଦ ପାତ୍ର, ଦେବୀ ପ୍ରସନ୍ନ ଦାଶ, କୁଳମଣି ପଣ୍ଡା, ଶରତ ଧଳ, କୈଳାଶ ଦାସ, ଜ୍ଞାନରଂଜନ ମଲ୍ଲିକ, ଅଧରକାନ୍ତ ଜେନା, ଗୋବିନ୍ଦ ଚନ୍ଦ୍ର ଧୀର, ଜୟନ୍ତ ଜେନା, ସୁଶାନ୍ତ କୁମାର ସାହୁ, ମୃତ୍ୟୁଂଜୟ ଦାସ ପ୍ରକାଶ ନାୟକ ପ୍ରମୋଦ ନାୟକ, କାମଦେବ ରାଉତ, ଦିଲୀପ କୁମାର ରଥ, ସୁକାନ୍ତ ରାମ, ଅଜୟ ଜେନା, ମନୋଜ ବେହେରା, ସହଦେବ ନାୟକ, ବାବନ ବେହେରା, ଅମୂଲ୍ୟ ଦାସ ପ୍ରମୁଖ ବହୁ ବିଜେପି କର୍ମୀ ଦଳ ଛାଡି ବିଜେପିରେ ଯୋଗ ଦେଇଥିଲେ ।

# DISPLAY CLASSIFIED

**FOR ADVERTISEMENT CONTACT**

Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ଏଆଇଟିୟୁସି ନେତୃତ୍ୱରେ ଶୋଭାଯାତ୍ରା ଓ ବିକ୍ଷୋଭ

ବାଲେଶ୍ୱର (ପିଏନ୍): ସ୍କିମ ୱାର୍କର୍ସମାନଙ୍କର ସର୍ବଭାରତୀୟ ସମନ୍ୱୟ ସମିତିର ଦିନିକିଆ ଧର୍ମଘଟରେ ଅଙ୍ଗନୱାଡ଼ି କର୍ମୀ ଓ ମଧ୍ୟାହ୍ନ ଭୋଜନ ପାଚିକା ଏବଂ ସହାୟିକାମାନଙ୍କର ପ୍ରତିନିଧି ଦଳଗୁଡ଼ିକ ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଆଇଟିୟୁସି ନେତୃତ୍ୱରେ ଥିବା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘ, ସିଆଇଟିୟୁ ନେତୃତ୍ୱରେ ଥିବା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟକାମାନଙ୍କର ଏକ ବିଶାଳ ଶୋଭାଯାତ୍ରା ରେଳଷ୍ଟେସନରୁ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ ଫାଟକ ସାମ୍ନାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମାବେଶରେ ବନ୍ଦନା ବିଶ୍ୱାସ ଅଧ୍ୟକ୍ଷତା କରିଥିବା ବେଳେ ଉଭୟ ସଂଗଠନ ତରଫରୁ ଇଶାଣୀ ଷଡ଼ଙ୍ଗୀ, ଗୌରୀ ଦାସ, ଅନୁସୟା ଦଳାଇ, ସୁକାନ୍ତି ବିଶ୍ୱାଳ, ପୂର୍ଣ୍ଣିମା ବେହେରା, ମଞ୍ଜୁଲତା ଦାସ ପ୍ରମୁଖ ଅଙ୍ଗନୱାଡ଼ି କର୍ମୀ, ଅଶା ଓ ପାଚିକାମାନଙ୍କୁ ସ୍କିମ ୱାର୍କର ଭାବେ କେନ୍ଦ ସରକାର ସେମାନଙ୍କୁ ସର୍ବନିମ୍ନ ମଜୁରୀ ସମାନ କାମକୁ ସମାନ ମଜୁରୀ, ଅବସର ପରେ ପେନସନ୍ ଓ ସାମଜିକ ସୁରକ୍ଷା ବୀମା ଓ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯାଉ ନଥିବା ଅଭିଯୋଗ ହୋଇଥିଲା। ସରକାରଙ୍କ ଘରୋଇକରଣ ବ୍ୟବସ୍ଥାକୁ ବିରୋଧ କରି ୨୭ ତାରିଖ ଦିନ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ବିକ୍ଷୋଭ ସଭାରେ ଏଆଇଟିୟୁସି ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ଜତିନ ପାତ୍ର ଓ ସିଆଇଟିୟୁ ପକ୍ଷରୁ ବିଜୟ ପାତ୍ର, ଶିଶିର ହୁଇ ଏବଂ ନିକୁଞ୍ଜ ବସନ୍ତ ରାୟ ପ୍ରମୁଖ ସରକାରଙ୍କ ଅବିଚାରକୁ ଦୃଢ ନିନ୍ଦା କରିଥିଲେ। ଶୋଭାଯାତ୍ରା ବିକ୍ଷୋଭ ପରିଚାଳନାରେ ରଜେଶ୍ୱରୀ ବେହେରା, ରେବତୀ ପାତ୍ର, ସରୋଜିନି ପ୍ରଧାନ, ବସୁମତି ପ୍ରଧାନ, ଜୟନ୍ତି ରାଉତ, ତପସ୍ୱିନି ବିଶ୍ୱାଳ, ଜ୍ୟୋସ୍ନା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ନିର୍ଭିକ ସାମ୍ବାଦିକ ଅରିନ୍ଦମଙ୍କ ଅକାଳ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା



ନେଉଳପୁର (ପିଏନ): ଜଣେ ନିର୍ଭିକ ଓ ନିରପେକ୍ଷ ସାମ୍ବାଦିକଙ୍କ ଅକାଳ ବିୟୋଗରେ ବଡଚଣା ପ୍ରେସକ୍ଲବ ପକ୍ଷରୁ ଗଭିର ଶୋକ ପ୍ରକଟ କରାଯାଇଛି। ତାଙ୍କ ଅକାଳ ବିୟୋଗ ଖବର ପ୍ରଚାରିତ ହେବାପରେ ରାଜ୍ୟର ବିଭିନ୍ନ ସାମ୍ବାଦିକଙ୍କ ମହଲରେ କିଛି ସମୟପାଇଁ ଶୋକର ଛାୟା ଖେଳିଯାଇଥିଲା। ଏଭଳି ଜଣେ ଦୁଃସାହସି ଓ ନିରପେକ୍ଷ ସାମ୍ବାଦିକଙ୍କ ବିୟୋଗ ସାମ୍ବାଦିକ ଜଗତ ପାଇଁ ଏକ ଅପୁରଣୀୟ କ୍ଷତି ବୋଲି ମତପ୍ରକାଶ ପାଇଛି। ବିଶେଷ କରି ବନ୍ୟା ସମୟରେ ବିପନ୍ନମାନଙ୍କ ନିକଟରେ ତାଙ୍କ ସହିତ ପହଞ୍ଚି ସାଧାରଣ ଲୋକଙ୍କ ସ୍ୱରକୁ ରାଜ୍ୟ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇବା ପାଇଁ ଯେଉଁ ପ୍ରୟାସ ଜାରିରହିଥିଲା ତାହା ଅବିସ୍ମରଣୀୟ। ବଡଚଣା ପ୍ରେସ ଫୋରମ ପକ୍ଷରୁ ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳଙ୍କ ଆବାହକତ୍ୱରେ ଚଣ୍ଡିଖୋଲ ଛକସ୍ଥିତ ବୁଦ୍ଧମୂର୍ତି ନିକଟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ପ୍ରଦିପ୍ତ ପୃଷ୍ଟି, ମନମୋହନ ରାଉତ,ପ୍ରମୋଦ ଜେନା,ଉତ୍କଳ ପ୍ରଧାନ, ତ୍ରୈଲୋକ୍ୟ ନାୟକ, ସୁରେଶ କୁମାର ଖଣ୍ଡାଇ, ମନୋଜ ମହାନ୍ତି, ତାଫିରୁଦ୍ଦିନ ଖାଁ ପ୍ରମୁଖ ଅମର ଆତ୍ମାର ସଦ୍‌ଗତି କାମନା କରି ନିରବପ୍ରାର୍ଥନା କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ବରିଷ୍ଠ ସାମ୍ବାଦିକ ଶ୍ରୀ ବଳ ଅରିନ୍ଦମଙ୍କ ପରିବାରକୁ ରାଜ୍ୟ ସରକାର ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ଫୋରମ ପକ୍ଷରୁ ଦାବି କରାଯିବ ବୋଲି କହିଥିଲେ। ପ୍ରୟାସ ଭଳି ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ଏହି ସାମ୍ବାଦିକଙ୍କ ବିୟୋଗରେ ମର୍ମାହତ ହୋଇ ସମସ୍ତ ସଦସ୍ୟଙ୍କ ସହିତ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲା। ଏଥିରେ ସାମ୍ବାଦିକ ଶିବରାମ ସାହୁ,ସୁରେନ୍ଦ୍ର ସାମଲ, ଅମୀୟ ମହାରଣା, ହେମଶ ଜେନା, ଭାରତ ଭୂଷଣ ପଣ୍ଡା,ମାନସ ରାଉତ, ସମରେନ୍ଦ୍ର ମାହାଲା, ଆଇନଜୀବୀ ଆଶିଷ ମହାପାତ୍ରଙ୍କ ସମେତ ବହୁ ସାମ୍ବାଦିକ ଓ ବୁଦ୍ଧିଜୀବୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଅମରଆତ୍ମାର ସଦଗତି କାମନା କରିଥିଲେ।

## ପେଟ୍ରୋଲ ପମ୍ପ ପାଇଁ ଉଜୁଡିଗଲା ଭାତହାଣ୍ଡି

କେନ୍ଦ୍ରାପଡ଼ା (ପିଏନ୍): ପେଟ୍ରୋଲପମ୍ପ ପାଇଁ ଉଜୁଡି ଗଲା ପ୍ରାୟ ୨ଏକରରୁ ଅଧିକ ଚାଷଜମି। କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ୫ନମ୍ବର(କ) ଜାତୀୟ ରାଜପଥ ପାର୍ଶ୍ୱର ଜୁଇଦାସପୁର ଠାରେ ଥିବା ଏକ ପେଟ୍ରୋଲପମ୍ପ ପାଇଁ ଚାଷଜମି ଉଜୁଡି ଯାଇଥିବା ନେଇ ଅଭିଯୋଗ କରିଛନ୍ତି ସ୍ଥାନୀୟ କଣ୍ଟାପଦା ଗ୍ରାମର ବାସିନ୍ଦା ପଦ୍ମନାଭ ଦାସ। ରବିବାର ଲଘୁଚାପ ଜନିତ ବର୍ଷା ଯୋଗୁଁ ଏହି ପେଟ୍ରୋଲପମ୍ପର ପାଚେରୀ ଭାଙ୍ଗି ପଡିଥିଲା। ପାଚେରୀର ଭଗ୍ନାଂଶ ସମ୍ପୂର୍ଣ୍ଣ ଭାବେ ପଦ୍ମନାଭଙ୍କ ଚାଷଜମି ଉପରେ ପଡିଛି। ତେବେ ସେଠାରେ ପେଟ୍ରୋଲପମ୍ପ ହେବା ପରଠାରୁ



ଏକାଧିକ ବାର ପେଟ୍ରୋଲ ଟାଙ୍କିରେ ଛିଦ୍ର ଯୋଗୁଁ ପେଟ୍ରୋଲ ବୋହି ପଦ୍ମନାଭଙ୍କ ଚାଷଜମିରେ ମାଡି ଯାଇଛି। ଏହାଦ୍ୱାରା ପରୋକ୍ଷ ଭାବେ ୨ଏକର ଏବଂ ପ୍ରତ୍ୟେକ୍ଷ ଭାବେ ୪ଗୁଣ୍ଠ ଚାଷଜମି ପ୍ରଭାବିତ ହୋଇଥିବା ସେ ଅଭିଯୋଗ କରିଛନ୍ତି। ପେଟ୍ରୋଲ ମାଡିଯିବା ଦ୍ୱାରା ଜମିରେ ଧାନ ମୁଗ ପରି ଫସଲ ନଷ୍ଟ ହେବା ସହ ଜମି ତାର ଉର୍ବରତା ହରାଇଛି। ବାରମ୍ବାର ଚାଷଜମିରେ ପେଟ୍ରୋଲ ମାଡିଯିବା ଦ୍ୱାରା ଗତ କିଛି ବର୍ଷ ଧରି ସେ ଜମିରେ ଚାଷ ବନ୍ଦ ହୋଇଯାଇଛି। ଆଜି ପାଚେରୀ ଭୁଶୁଡି ପଡିବା ଯୋଗୁଁ ନିଜ ଚାଷଜମି ଉପରକୁ ଯିବା ବାଟ ମଧ୍ୟ ବନ୍ଦ ହୋଇଯାଇଛି। ଏନେଇ ପଦ୍ମନାଭ ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ପ୍ରତିକାର କରାଯାଇନଥିବା ସେ କହିଛନ୍ତି।




# ଚମ୍ପୁଆ ନିର୍ବାଚନମଣ୍ଡଳୀରେ ଖଣି ବ୍ୟବସାୟକୁ ନେଇ ବିଜେଡିରେ କନ୍ଦଳ: ଶୂନ୍ୟରେ ଫାଇଦା ନେବ ବିଜେପି



କେନ୍ଦୁଝର : ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ନିଜର ପତିଆରା ବୃଦ୍ଧି ତଥା ଖଣି ବ୍ୟବସାୟକୁ ନେଇ ବିଜେଡି ଦଳରେ ବହୁ ମତାନ୍ତର ଲାଗି ରହିଛି। ଲୋକଙ୍କ ଆସ୍ଥାଭାଜନ ଓ ଦଳୀୟ ସଙ୍ଗଠନ ବୃଦ୍ଧି କରିବା ପରିବର୍ତ୍ତେ ବିଧାୟିକା ମିନାକ୍ଷୀ ମହାନ୍ତ ନିଜ ସ୍ୱାମୀ ଭକ୍ତବନ୍ଧୁ ମହାନ୍ତଙ୍କ ମାଧ୍ୟମରେ ଖଣିରେ ପରିବହନ କାମ କୁ ପ୍ରାଧାନ୍ୟ ଦେଉଛନ୍ତି। ଯେଉଁ ଖଣି ଓ କାରଖାନରେ ପରିବହନ କାମ ନାହିଁ ସେଠାରେ ଅନ୍ୟ ଲୋକଙ୍କ ଦ୍ୱାରା ଗଣ୍ଡଗୋଳ କରୁଛନ୍ତି। ପରିବହନ କାମରେ ବାଧା ହେଲେ ପୋଲିସ ମାଧ୍ୟମରେ ଉକ୍ତ ସଂସ୍ଥା ଉପରେ ଚାପ ସୃଷ୍ଟି କରାଯାଉଛି। ଯେଉଁ ସଂସ୍ଥା ରାଜି ହେଉନାହିଁ ପୋଲିସ ଅସହଯୋଗ କରୁଛି। ଫଳରେ ପରିବହନ କାମରେ ବାଧା ସୃଷ୍ଟି ହେଉଛି। ପରିବହନରେ ଭାଗ ମିଳିଲେ ଖଣି ଓ ଶିଳ୍ପ ସଂସ୍ଥାର କାମ ଠିକ୍ ଚାଲୁଛି। କେବଳ ଚମ୍ପୁଆ ନିର୍ବାଚନମଣ୍ଡଳୀ ନୁହେଁ ସଦର ନିର୍ବାଚନମଣ୍ଡଳୀରେ ମଧ୍ୟ ବିଧାୟିକାଙ୍କ ହସ୍ତକ୍ଷେପ ରହୁଛି। ପରିବହନ କାମରେ ଭାଗ ପାଇଁ ପ୍ରଥମେ କିଛି ଲୋକଙ୍କ ଭକ୍ତବନ୍ଧୁ ମହାନ୍ତଙ୍କ ଇଙ୍ଗିତରେ ଗଣ୍ଡଗୋଳ କରୁଛନ୍ତି। ପରେ ତାଙ୍କ ନିର୍ଦ୍ଦେଶରେ ଭାଗବଣ୍ଟା ଛିଣ୍ଡୁଛି। ବିଧାୟିକା ଏବଂ ତାଙ୍କ ସ୍ୱାମୀଙ୍କ ଖଣି ପରିବହନ ସାମ୍ରାଜ୍ୟ ବୃଢାଇବା ଇଚ୍ଛା ବିଜେଡି ଦଳ ପାଇଁ କ୍ଷତିକାରକ ହୋଇଛି। ଅନ୍ୟପକ୍ଷରେ ଏହି ସିଟ୍ ହାସଲ କରିଥିବା ବିଜେଡି ପୁଣି ଥରେ ପଞ୍ଚାୟତ ଓ ପୌର ନିର୍ବାଚନରେ ନିଜର ବିଜୟ ପାଇଁ ଉଦ୍ୟମ କରିବା ପରିବର୍ତ୍ତେ ବିଧାୟିକା ଖଣି ବ୍ୟବସାୟରେ ଲିପ୍ତ ରହୁଥିବାରୁ ଦଳରେ ଗୋଷ୍ଠିକନ୍ଦଳ ବଢୁଛି। କୌଣସି ଗୋଷ୍ଠୀ କାହା ସହିତ ମନ ମିଳୁ ନ ଥିବାବେଳେ ଏହା ଉପରକୁ ଯେତେ ଗୋଟା ଦେଖାଗଲେ ମଧ୍ୟ ଭିତରେ ଭିତରେ ଫାଳ ବୋଲି କାହାକୁ ଅଛପା ନୁହେଁ । ମିନାକ୍ଷୀ ମହାନ୍ତ ବିଧାୟିକା ହେବା ପରେ ଖଣି ପ୍ରଭାବିତ ଅଞ୍ଚଳରେ ନିଜର ଦବଦବା ଜାହିର କରୁଥିବାବେଳେ ଖଣି ପ୍ରଭାବିତ ଅଞ୍ଚଳ ନଥିବା ଯୋଡା ବ୍ଲକର ୫ଟି ପଂଚାୟତ,ଚମ୍ପୁଆ ବ୍ଲକର ୧୬ଟି ପଂଚାୟତ ଏବଂ ଚମ୍ପୁଆ ଏନଏସିକୁ ସଂପୂର୍ଣ୍ଣ ଅଣଦେଖା କରୁଛନ୍ତି। ଏହି ଅଞ୍ଚଳ ବିଜେଡିର ଦୂର୍ଗ ଥିବାବେଳେ ଏବେ ବିଧାୟିକାଙ୍କ ଅଣଦେଖା କରିବା ଦଳ ପାଇଁ ଘାତକ ସଦୃଶ ହେବ ବୋଲି ଆଲୋଚନା ହେଉଛି। ଅନେକ ରେଲୱେ ସାଇଡିଂ ଏବଂ ଖଣିରେ ବିଧାୟିକାଙ୍କ ସ୍ୱାମୀ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଭାଗିଦାରୀ ରହିଛି। ଏପରିକି ପୂର୍ବରୁ ଗାଁ କମିଟି ଦ୍ୱାରା କାମ କରୁଥିବା ଛୋଟ ଛୋଟ ସଂସ୍ଥାକୁ ବଳି ପକାଯାଉଛି। ଯେଉଁ ସ୍ଥାନରେ କାମ ମିଳୁନାହିଁ ପୋଲିସ ପ୍ରଶାସନକୁ ଢାଲ କରି ଚାପ ପ୍ରୟୋଗ କରାଯାଉଛି। ନିକଟରେ ସଂଘକୁ ବିଭାଜିତ କରି ଟ୍ରକ ମାଲିକମାନଙ୍କୁ ଦମନ କରିବାରେ ସଫଳ ହୋଇଛନ୍ତି। ତୈଳଦର ବୃଦ୍ଧି ସତ୍ତ୍ୱେ ମନ ଇଚ୍ଛା ପରିବହନ ଦର କମାଇ ସେ ପ୍ରଚୁର ଲାଭବାନ ହେଉଥିବାବେଳେ ଋଣ କରି ଟ୍ରକ କରିଥିବା ମାଲିକମାନେ ସର୍ବସ୍ୱାନ୍ତ ହେବାକୁ ବସିଲେଣି। ଜିଲ୍ଲା ପ୍ରଶାସନ ଏବଂ ରାଜନୈତିକ ଛତ୍ରଛାୟା ତଳେ ରହି ଭକ୍ତବନ୍ଧୁ ମହାନ୍ତ ବ୍ୟବସାୟିକ କାରବାର ବଢାଇ ଚାଲିଛନ୍ତି। ଛୋଟ ଛୋଟ ସଂସ୍ଥାର ପେଟରେ ନାତ ମାରି ଭକ୍ତବନ୍ଧୁ ମହାନ୍ତ ନିଜର ରାଜନୈତିକ ପତିଆରାରେ କାମ ହାତଉଥିବାରୁ ପୂର୍ବରୁ କାମ କରୁଥିବା ବହୁ ବିଜେଡି ନେତା ଓ କର୍ମୀ କ୍ଷତିଗ୍ରସ୍ତ ହେଉଛନ୍ତି। ଫଳରେ ବିଜେଡି ଦଳ ଦୂର୍ବଳ ହେଉଛି। ବିଧାୟିକାଙ୍କ ସ୍ୱାମୀ ଭକ୍ତବନ୍ଧୁ ମହାନ୍ତ ବିଜେଡି କର୍ମୀ ଏବଂ ନେତାଙ୍କ ପେଟରେ ନାତ ମାରି ନିଜର ବ୍ୟବସାୟ ବୃଦ୍ଧି କରୁଛନ୍ତି। ମାଟଓ୍ୱା ଓ ଜୁରୁଡି ସଂଘ ନାମରେ ଦୁଇଟି ସଂଘ ଖଣି ଅଞ୍ଚଳରେ ଥିବାବେଳେ ଭକ୍ତବନ୍ଧୁ ମହାନ୍ତଙ୍କ ଚାପରେ ପ୍ରଶାସନ ପକ୍ଷରୁ ଆଂଚଳିକ ସଂଘ ନାମରେ ଏକାଧିକ ସଂଘକୁ ପଞ୍ଜିକୃତ କରାଯାଇଛି। ଫଳରେ ଖଣି ଅଞ୍ଚଳରେ ସଂଘ ସଂଘ ମଧ୍ୟରେ ବିବାଦ ହୋଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ସଂଘ ସଂଘ ମଧ୍ୟରେ ବିବାଦରେ ବିଜେଡି ନେତା ସତ୍ୟବ୍ରତ କାରୁଆ ଏବଂ ଅନ୍ୟମାନଙ୍କ ଉପରେ ବିଧାୟିକାଙ୍କ ସ୍ୱାମୀଙ୍କ ସମର୍ଥକମାନେ ଆକ୍ରମଣ କରିଥିଲେ। ଯାହାକୁ ନେଇ ବାମେବାରୀ ଥାନାରେ ଭକ୍ତବନ୍ଧୁ ମହାନ୍ତଙ୍କ ନାମରେ ଅଭିଯୋଗ ହୋଇଛି। ଚମ୍ପୁଆ ନିର୍ବାଚନମଣ୍ଡଳୀରେ ମୂଳ ବିଜେଡିକୁ ଅଣଦେଖା କରାଯାଉଥିବାବେଳେ ସ୍ୱାର୍ଥନ୍ୱେଷୀ ବେପାରୀ ଦଳକୁ ଚଲାଉଛନ୍ତି। ଚମ୍ପୁଆ ବିଧାୟିକା ନିଜର ଗୁରୁଙ୍କୁ ଭଷ୍ମ କରି ଖଣି ବ୍ୟବସାୟରେ ଲିପ୍ତ ରହିବା ଘଟଣାକୁ ଦଳୀୟ କର୍ମୀ ମଧ୍ୟ ସହଜରେ ଗ୍ରହଣ କରୁନାହାଁନ୍ତି। ନିକଟରେ ଯୋଡାରେ ବହୁ ଟ୍ରକ ମାଲିକ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। କେନ୍ଦୁଝର ଜିଲ୍ଲାରେ ଜଣେ ମହିଳା ବିଧାୟକଙ୍କ କୁଶ ପୁତ୍ତଳିକା ଦାହ ଏବଂ ତାଙ୍କ ବିରୋଧରେ ୨ ହଜାର ରୁ ଉର୍ଦ୍ଧ ଲୋକ ମଶାଲ ଶୋଭାଯାତ୍ରା କରି ବିରୋଧ କରିବା ଘଟଣା ରାଜନୈତିକ ମହଲରେ ହଟଚମଟ ସୃଷ୍ଟି କରିଛି। ଯୋଡାରେ ପୂର୍ବତନ ନଗରପାଳ ରବିନ୍ଦ୍ର କୁମାର ଦାସ ଅନାସ୍ଥାରେ ୨୦୧୧ରେ ହାରିବା ପରେ ଯୋଡାବାସୀଙ୍କ ସହ ସମ୍ପର୍କରେ ନଥିଲେ। ଯୋଡା ଛାଡି ସେ ଅନ୍ୟତ୍ର ଅଜ୍ଞାତବାସରେ ଥିବାବେଳେ ହଠାତ୍ କିଛି ଦିନ ହେବ ତାଙ୍କୁ ପୁଣି ବିଜେଡି ଦଳୀୟ ସଂଗଠନ ଦାୟିତ୍ୱ ଦିଆଯିବା ପରେ ଦଳରେ ଅସନ୍ତୋଷ ତୀବ୍ର ରୂପ ନେଇଛି। ଦୁର୍ଦ୍ଦିନରେ ସମୟରେ ଦଳରେ ଥିବା କର୍ମୀ ଓ ନେତାଙ୍କୁ ଅଣଦେଖା କରାଯାଉଥିବାରୁ ବିଜେଡି ଦଳୀୟ କର୍ମୀ ଏହାକୁ ଗ୍ରହଣ କରୁନାହାଁନ୍ତି। ବଡବିଲରେ ଖଣି ବ୍ୟବସାୟୀ ଲାଲଟୁ ମହାନ୍ତ ଦଳ ଚଲାଉଥିବାରୁ ଦଳୀୟ ଅସନ୍ତୋଷ ବଢିବାରେ ଲାଗିଛି। ଏହା ଆଗାମୀ ପଂଚାୟତ ନିର୍ବାଚନକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି । ବିଜେଡି ଦଳ ଦିଗହରା ହେଲେ ବିଜେପି କୁ ଫାଇଦା ସହ ଯେ କୌଣସି ଗୋଷ୍ଠୀ ଯଦି ସ୍ୱାଧିନ ଜିଲ୍ଲା ପରିଷଦ ପ୍ରାର୍ଥୀ ଦିଅନ୍ତି ତେବେ ଫଳାଫଳ ଗୋଳିଆ ହୋଇପାରେ । ଅପରପକ୍ଷରେ ବିଜେଡିର ଗୋଷ୍ଠୀ କନ୍ଦଳ ଓ ବହୁଧା ବିଭକ୍ତରେ କର୍ମୀ,ବିଜେଡି ଦଳ ପାଇଁ ବେଶ ଘାତକ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ପ୍ରକାଶ କରିଛନ୍ତି ।

## ବଳଙ୍ଗା ଥାନା ବିସ୍ଫୋରଣ ପ୍ରସଙ୍ଗ : ଅଂଚଳବାସୀଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠାଇଲା ବିଜେପି

ଭୁବନେଶ୍ୱର: ପିପିଲି ଉପ ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି, ଦିନକୁ ଦିନ ଏହି ଅଂଚଳରେ ହିଂସା ଓ ଅଶାନ୍ତ ବାତାବରଣ କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି । ଗତ କିଛି ଦିନ ମଧ୍ୟରେ ଘଟିଯାଇଥିବା ଘଟଣାମାନରୁ ଏହି ଅଂଚଳର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଏହା ସ୍ପଷ୍ଟ ପ୍ରମାଣିତ କରୁଛି । ଯେଉଁ ଅଂଚଳରେ ନିଜେ ରକ୍ଷକ ସୁରକ୍ଷିତ ନାହାନ୍ତି, ସେ ଅଂଚଳବାସୀ କେତେ ସୁରକ୍ଷିତ ବୋଲି ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର ପ୍ରଶ୍ନ କରିଛନ୍ତି। ଗତ କାଲି ରାତିରେ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀ ସୀମାରେ ଥିବା ବଳଙ୍ଗା ଥାନା ବିସ୍ଫୋରଣ ସାଧାରଣ ଜନତାଙ୍କ ମନରେ ବହୁ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ବହୁ ଅଂଚଳ ବଳଙ୍ଗା ଥାନା ଅଧିନରେ ଆସୁଛି । ନିର୍ବାଚନ ସମୟରେ ଆଇନଶୃଙ୍ଖଳା ରକ୍ଷା କରିବା ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦାୟୀତ୍ୱ । ପ୍ରଥମେ ସାତଶଙ୍ଖସ୍ଥିତ ବିଜେପି ନିର୍ବାଚନ କାର୍ଯ୍ୟାଳୟରେ ବୋମାମାଡ ଏବଂ ପରେ ବଳଙ୍ଗା ଥାନା ବିସ୍ଫୋରଣ ଆଦୌ ଅକସ୍ମାତ ନୁହେଁ ବରଂ ଏହା ଏକ ସୁପୋରିକଳ୍ପିତ ଓ ଏହା ନିଶ୍ଚିତ ଭାବରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାର ନଗ୍ନ ରୂପକୁ ପଦାରେ ପକାଇ ଦେଇଛି । ବଳଙ୍ଗା ଥାନାରେ କେତେ ଦିନ ହେଲା ବାଣ ଥିଲା ଏବଂ କାହିଁକି ଓ କାହା ପ୍ରରୋଚନାରେ ନିଷ୍କ୍ରିୟ କରାଯାଇନଥିଲା ? ଏହି ଘଟଣାର ନିରପେକ୍ଷ ତଦନ୍ତର ଆବଶ୍ୟକତା ରହିଛି ବୋଲି ଡ.ସମ୍ବିତ ପାତ୍ର କହିଛନ୍ତି ।ଚଳିତ ପିପିଲି-ଡେଲାଙ୍ଗ ଉପନିର୍ବାଚନରେ ବିଜେଡି ଗୁଣ୍ଡା ଓ କାର୍ଯ୍ୟକର୍ତାଙ୍କ ଜରିଆରେ ଶାସକ ବିଜେଡି ନେତାମାନେ ବିଜେପି ନେତା ଓ କାର୍ଯ୍ୟକର୍ତାଙ୍କୁ ପ୍ରଚାର କାର୍ଯ୍ୟରେ ବାଧା ଦେବା, ଧମକ ଦେବା, ଆକ୍ରମଣ କରିବା ଭଳି ଅଗଣତାନ୍ତିକ ପନ୍ଥା ଆପାଣାଇଛନ୍ତି । ପିପିଲି ଅଂଚଳରେ ଗ୍ୟାଙ୍ଗୱାର ଦୀର୍ଘ ବର୍ଷ ଧରି ଜାରୀ ରହିଛି ।

### କରୋନା ରୋଗୀଙ୍କ ଶବଦାହ ପାଇଁ ଫିରିଙ୍ଗିଆରେ ଅଂଚଳରେ ଉତେଜନା

## ଶବ ନେଇ ଆମ୍ବୁଲାନ୍ସ ଠିଆ ହେଲା ୬ ଘଣ୍ଟା, ପ୍ରଶାସନ ହସ୍ତକ୍ଷେପରେ ଅନ୍ୟତ୍ର ହେଲା ସଂସ୍କାର

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆଠାରେ ଜଣେ କରୋନା ସଂକ୍ରମିତଙ୍କର ମୃତ୍ୟୁ ହେବାପରେ ପ୍ରଶାସନ ତରଫରୁ ଅସ୍ଥାୟୀ ଭାବରେ ନିର୍ଦ୍ଧାରଣ କରାଯାଇଥିବା ଶ୍ମସାନରେ ଶବଦାହ କରିବାକୁ ବିରୋଧ କରି ଅଂଚଳବାସୀ ଶବ ନେଇଥିବା ଆମ୍ବୁଲାନ୍ସକୁ ୬ ଘଣ୍ଟା ଧରି ଅଟକାଇବା ସହିତ ସେଠାରେ ଶବଦାହ କରିବାକୁ ବିରୋଧ କରିବାରୁ ଅଡୁଆରେ ପଡିଥିଲେ ମୃତକଙ୍କ ପରିବାର ଲୋକେ। ଫଳରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପହଂଚି ଲୋକଙ୍କୁ ବୁଝାସୁଝା କରିବାପରେ ମଧ୍ୟ ସେଠାରେ ଥିବା ଲୋକମାନେ ସବୁବେଳେ ଯାତାୟାତ କରୁଥିବାରୁ ସେଠାରେ କୋଭିଡ୍ ରୋଗୀର ଶବକୁ ପୋଡିବାକୁ ବିରୋଧ କରିଥିଲେ। ଫଳରେ ପ୍ରଶାସନ ଓ ପୋଲିସ ଉଦ୍ୟମରେ ଅନ୍ୟ ଏକ ଜନଶୂନ୍ୟ ତଥା ଜନବସତି ଠାରୁ ଦୂରବର୍ତ୍ତି ସ୍ଥାନରେ ଶବକୁ ସଂସ୍କାର କରାଯାଇଛି । ସୂଚନା ଅନୁସାରେ, ଗତକାଲି ଫୁଲବାଣୀ କୋଭିଡ ହସାପିଟାଲରେ ଚିକିତ୍ସିତ ଅବସ୍ଥାରେ ଫିରିଙ୍ଗିଆ ଅଂଚଳର ଭାଗବତ ବେହେରା(୬୫)ଙ୍କର ମୃତ୍ୟୁ ହୋଇଥିଲା । କୋଭିଡ ହସପିଟାଲ କର୍ତୃପକ୍ଷ ଆଜି ଭୋର ସମୟରେ ମୃତକଙ୍କର ପରିବାର ଲୋକଙ୍କ ଘରକୁ ନେଇ ଏକ ଆମ୍ବୁଲାନ୍ସରେ ଶବକୁ ହସ୍ତାନ୍ତର କରିବା ସହିତ ଫିରିଙ୍ଗିଆରେ ପ୍ରଶାସନ ଦ୍ୱାରା ଅସ୍ଥାୟୀ ଭାବରେ ସ୍ଥିରିକୃତ ଶ୍ମସାନରେ ଶବକୁ ଦାହ ସଂସ୍କାର କରିବାକୁ ନେଇଥିଲେ । ଏହା ଜାଣିବାରେ ସେହି ଆଖପାଖରେ ଥିବା ମଝିପଡା, ଫିରିଙ୍ଗିଆ ଉପରପଡା, ନାହାନାଗାଁ, ଘାଟିସାହି ଆଦି ଅଂଚଳରେ ଥିବା ଲୋକମାନେ ସେଠାରେ କରୋନା ରୋଗୀଙ୍କ ଶବ ଦାହ କରିବାକୁ ବିରୋଧ କରିବା ସହିତ କିଛି ସମୟପାଇଁ ସେହି ଅଂଚଳରେ ଥିବା ମଝିପଡା ଘାଟି ନିକଟ ରାସ୍ତାରେ ରାସ୍ତାରୋକ କରିଥିଲେ। । ଫଳରେ ସେଠାରେ ଥିବା କାଶୀନିପଦର ଓ ଫିରିଙ୍ଗିଆ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା । ଖବର ପାଇବାପରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପୁଲିସ ଫୋର୍ସ ସହ ସେଠାରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ । ସେଠାରେ ନେତୃସ୍ଥାନୀୟ ବ୍ୟକ୍ତି ମାନଙ୍କର ସହାୟତାରେ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରାଯାଇଥିଲା । ହେଲେ ସେମାନେ ଏଥିରେ ରାଜି ନହେବାରୁ ମଝିପାଡା ଘାଟି ନିକଟରେ ଥିବା ଏକ ନିରୋଳା ଯାଗାରେ ଶବକୁ ସଂସ୍କାର କରାଯାଇଥିଲା । ମୃତ ଭାଗବତ ବେହେରୋ ଫିରିଙ୍ଗିଆ ଅଂଚଳର ଜଣେ ଜଣାଶୁଣା ବ୍ୟବସାୟୀ ହୋଇଥିବାରୁ ତାଙ୍କ ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଶୋକରେ ଆଜି ଫିରିଙ୍ଗିଆର ସମସ୍ତ ଦୋକାନ ବଜାର ବନ୍ଦ ରହିଛି ।

# କବି ନୃସିଂହାନନ୍ଦ ମହାପାତ୍ର ପାଇଲେ ସାହିତ୍ୟ ରତ୍ନ




ଫୁଲବାଣୀ: କନ୍ଧମାଳର ସୁନାମଧନ୍ୟ ସାହିତ୍ୟିକ, ସଂଗଠକ, ସମାଜସେବୀ, ଶିକ୍ଷାବିତ ନୃସିଂହାନନ୍ଦ ମହାପାତ୍ର ଚଳିତ ୨୦୨୧ବର୍ଷ ପାଇଁ ସମତା ସାହିତ୍ୟ ଏକାଡୋମୀ ,ନାଗପୁର, ମୁମ୍ବାଇ, ମହାରାଷ୍ଟ୍ର ତରଫରୁ ମର୍ଯ୍ୟାଦାଜନକ ସାହିତ୍ୟ ରତ୍ନ ପୁରସ୍କାର ପାଇଛନ୍ତି । ରାଷ୍ଟ୍ରୀୟ ଗୁରୁ ଦିବସ ଉପଲକ୍ଷେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମ ହୋଟେଲ ହରଦେବ, ମୁଁଜେମାର୍ଗ, ସୀତାବୋର୍ଡିଂ, ନାଗପୁର, ମହାରାଷ୍ଟ୍ରରେ ଅନୁଷ୍ଠିତ ହୋଇଥିଲା। ସଭାପତି ପଦ୍ମଶ୍ରୀ ବିଜେତା ରାଜ୍ୟସଭା ସଦସ୍ୟ ଡ଼ଃବିକାଶ ମହାତ୍ମେଙ୍କ ଅଧ୍ୟକ୍ଷତାରେ ଏଥିରେ ଉଦଘାଟକ ମହାରାଷ୍ଟ୍ରର ଶକ୍ତିମନ୍ତ୍ରୀ ଡ଼ଃନିତିନ ରାଉତ,ମୁଖ୍ୟ ଅତିଥି ରାମଦାସଜୀ ତଡସ,ସମ୍ମାନୀତ ଅତିଥି ଜୟପ୍ରକାଶ ଦୁବକ ଓ ଦେଶରାଣୀ କ୍ଷୀରସାଠ ଆଦି ଯୋଗ ଦେଇଥିଲେ। ପୁସ୍ତକ ମାଆ,ମାଟି ଓ ମଶାଣି ପାଇଁ ସାହିତ୍ୟିକ ଶ୍ରୀ ମହାପାତ୍ରଙ୍କୁ ଅତିଥିମାନେ ମାନପତ୍ର, ଉପଢ଼ୌକନ ଓ ନଗଦ ଏକ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମତା ସାହିତ୍ୟ ଏକାଡେମୀର ଅଧ୍ୟକ୍ଷ ଡ଼ଃ ଡି.ଏସ.ତାଂଡକାର, ନାଗପୁର ଜିଲ୍ଲା ଅଧ୍ୟକ୍ଷ ଅରୁଣ ରାଉତ, ସମ୍ପର୍କ ପ୍ରମୁଖ ସୁମେଥ କମ୍ବଛେ, ମହାସଚିବ ପୁରାଣ ତାଂଡକାର, ମହାରାଷ୍ଟ୍ର ପ୍ରଦେଶ ଅଧ୍ୟକ୍ଷ ଡି.ଏସ.ନରକାର, ଯୁବ ଅଧ୍ୟକ୍ଷ ରୋହିତ ତାଂଡକାର, ସମତା ସାହିତ୍ୟ ଏକାଡେମୀ ଓଡିଶା ପ୍ରାନ୍ତର ଅଧ୍ୟକ୍ଷ ବାହାଦୁର ପାଟଶାଣୀ ପ୍ରମୁଖ ଉପସ୍ଥିତ ଥିଲେ । ସାହିତ୍ୟ,ସଂସ୍କୃତି, କଳା ଓ ସଂଗଠନ କ୍ଷେତ୍ରରେ ଶ୍ରୀ ମହାପାତ୍ରଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ଉପସ୍ଥିତ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ । ଏହା ପୂର୍ବରୁ ଶ୍ରୀ ମହାପାତ୍ର ଓଡିଶାର ବିଭିନ୍ନ ସ୍ଥାନରୁ ବହୁ ପୁରସ୍କାର ଓ ମାନପତ୍ର ପାଇଛନ୍ତି । ତାଙ୍କ ଦ୍ୱାରା ଲିଖିତ ଲାଜେଇ ଝିଅ,ପ୍ରିୟା ବାସନ୍ତୀ,ଜଗତର ନାଥ ଆମ ଜଗନ୍ନାଥ,ଆତ୍ମ ଚିନ୍ତନ,ନୀତିଶିକ୍ଷା,ଗୁରୁ ବ୍ୟକ୍ତ ନୁହେଁ ଗୁରୁ ଶକ୍ତି,ଗୁରୁ ଅମୃତର ଖଣି,ଶଙ୍କର ଦିଗବିଜୟୀ,ଆର୍ଯ୍ୟାବର୍ତର ମହା ମନୀଷୀ ଗଣ,ବୈଦିକ ଆଚାର୍ଯ୍ୟଗଣ,ଆଦି ପୁସ୍ତକ ବେଶ ପାଠକୀୟ ଆଦୃତି ଲାଭ କରିଛି । ଉଦୀୟମାନ ସାହିତ୍ୟକ ଭାବେ ସେ ଓଡିଶାରେ ପରିଚିତ ହେଲେ ହେଁ ବୃତିରେ ସେ ଜଣେ ସରକାରୀ କର୍ମଚାରୀ । ଫୁଲବାଣୀ ସରକାରୀ ତାଲିମ ଅନୁଷ୍ଠାନରେ ସେ ଜଣେ ସରକାରୀ ସୁପରିଚିତ ତାଲିମ ଅଧିକାରୀ ଭାବେ କାର୍ଯ୍ୟରତ । ଜିଲ୍ଲା ଲେଖକ ସାମୁଖ୍ୟର କୋଷାଧ୍ୟକ୍ଷ, ଫୁଲବାଣୀ ସମ୍ବାଦ ସାହିତ୍ୟ ଘରର ସକ୍ରିୟ ସଦସ୍ୟ,ନିରନ ଦିବ୍ୟାଙ୍ଗ ସେବା ସମିତିର କୋଷାଧ୍ୟକ୍ଷ,ରୋଟାରୀ କ୍ଲବର ଆଜୀବନ ସଦସ୍ୟ ତଥା ବହୁ ରାଜ୍ୟ ସ୍ତରୀୟ ସାହିତ୍ୟ ଅନୁଷ୍ଠାନ ସହ ସେ ଜଡିତ ଅଛନ୍ତି । ତାଙ୍କର ଏହି ସଫଳତା ପାଇଁ ଫୁଲବାଣୀ ସମ୍ବାଦ ସାହିତ୍ୟ ଘର,ଜିଲ୍ଲା ଲେଖକ ସାମୁଖ୍ୟ ସମିତିର ସଭାପତି,ସମ୍ପାଦକ ଓ ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି ।

## କନ୍ଧମାଳରେ ଜଣେ ଡାକ୍ତରଙ୍କ ସମେତ ୬ ଜଣ କୋଭିଡ୍ ଯୋଦ୍ଧା ସଂକ୍ରମିତ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାରେ ଜଣେ ଡାକ୍ତରଙ୍କ ସମେତ ୬ ଜଣ କରୋନା ଯୋଦ୍ଧା ସଂକ୍ରମିତ ହୋଇଛନ୍ତି । ଏହା ସହିତ ଜିଲ୍ଲାରେ ନୂଆ ୩୮ ଜଣ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି ସେମାନଙ୍କୁ ମିଶାଇ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫,୨୨୩ରେ ପହଂଚିଛି । ଏହି ସମସ୍ତ ଆକ୍ରାନ୍ତ ମାନଙ୍କ ମଧ୍ୟରୁ ୪,୮୩୪ ଜଣ (୯୨.୫୫%) ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଜିଲ୍ଲାରେ ଗତକାଲି ଫିରିଙ୍ଗିଆ ଅଂଚଳର ଆଉ ଜଣେ ୬୫ ବର୍ଷର ପୁରୁଷଙ୍କ କରୋନା ସଂକ୍ରମଣରେ ମୃତ୍ୟୁ ହୋଇଛି । ଏହାକୁ ମିଶାଇ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୬ (୦.୫୦%)କୁ ବୃଦ୍ଧି ପାଇଛି । ଆଉ ୩୬୩ (୬.୯୫%) ଜଣ ସଂକ୍ରମିତ ବିଭିନ୍ନ କୋଭିଡ ହସପିଟାଲରେ ରହି ଚିକିତ୍ସିତ ହେଉଛନ୍ତି ।

ଆଜିର ଚିହ୍ନଟ ମାନଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳରେ ୩ ଜଣ ଚିହ୍ନଟ ହୋଇ ଥିବାବେଳେ ବାଲିଗୁଡା ବିଜ୍ଞାପିତ ଅଂଚଳର ଜଣେ ଏବଂ ଗ୍ରାମାଂଚଳର ୨ ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ଚକାପାଦର ୩ ଜଣ,ଘୁ.ଉଦୟଗିରି ବିଜ୍ଞାପିତ ଅଂଚଳର ଜଣେ ଏବଂ ଗ୍ରାମାଂଚଳର ୪ଜଣ, କ.ନୁଆଗାଁର ଜଣେ, ଖଜୁରିପଡାର ୮ ଜଣ, ଫିରିଙ୍ଗିଆର ୩ଜଣ, ରାଇକିଆର ୨ ଜଣ, ଟିକାବାଲିର ୪ ଜଣ, ତୁମୁଡିବନ୍ଧର ଜଣେ ଏବଂ ଅନ୍ୟାନ୍ୟ ଦୁଇଜଣ ରହିଥିବା ନେଇ ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ମିଳିଛି । ତେବେ କରୋନା ସଂକ୍ରମଣ ଲାଗିଥିବାରୁ ଲୋକଙ୍କୁ ଘରୁ ନ ବାହାରିବାକୁ ପ୍ରଶାସନ ତରଫରୁ କୁହାଯାଇଛି । ଅତି ଆବଶ୍ୟକ କାମରେ ଘରୁ ବାହାରିବା ବେଳେ ମୁହଁରେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୁରତା ବଜାୟ ରଖି ଯାତାୟାତ କରିବା ସହିତ କୋଭିଡ ନିୟମ ମାନି ଚଳିବାକୁ ଜିଲ୍ଲା ପ୍ରଶାସନ ପରାମର୍ଶ ଦେଇଛି ।

## ବିଶ୍ୱମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା ରଥ

କନ୍ଧମାଳ,(ପିଏନ)- ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼.ରାଜଶ୍ରୀ ପଟନାୟକଙ୍କ ଦ୍ୱାରା ଜିଲାର ଗ୍ରାମାଂଚଳ ଗୁଡିକରେ ମାନସିକ ସ୍ୱାସ୍ଥ୍ୟ ସଂମ୍ପର୍କିତ ସଚେତନତା ପାଇଁ ଏକ ସଚେତନତା ରଥାର ଶୁଭ ରଥ ଉଦ୍ ଘାଟନ କରାଯାଇଛି । ଏହି ରଥ ଜିଲାର ଗ୍ରାମାଞ୍ଚଗ୍ରାମାଂଚଳରେ ସଚେତନତାର ବାର୍ତା ପ୍ରଚାର ଉଦ୍ଦେଶ୍ୟରେ ଭ୍ରମଣ କରିବ । ଏହି ଅବସରରେ ଜିଲାର ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ନୋଡ଼ାଲ୍ ଅଫିସର ତଥା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼.କଲ୍ୟାଣି ମିଶ୍ର , ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ରୋଗ ନିୟନ୍ତ୍ରଣ) ଡ଼.ବସନ୍ତ କୁମାର ପାତ୍ର , ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡ଼.ପ୍ରଭାକର ସାହୁ , ଏନ୍.ଏଚ୍.ଏମ୍ ଜିଲା ପରିଚାଳକ ମନୋରଞ୍ଜନ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କର୍ମକର୍ତା ,ଦଧିବାମନ ରଥ, ମଧୁମିତା ସାହୁ ଓ ଦେବାଶିଷ୍ ମିଶ୍ରଙ୍କ ମିଳିତ ସହଯୋଗରେ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମର ସୂଚନା ପ୍ରକାରେ,ବର୍ତମାନ ଅନ୍‌ଲାଇନ୍ ମାନସିକ ଶିକ୍ଷା ଭିତିକ କାର୍ଯ୍ୟକ୍ରମ ଆସନ୍ତା ୧୦ ତାରିଖରୁ ୧୬ ତାରିକ ପର୍ଯ୍ୟନ୍ତ ଚାଲୁ ରହିବ ଏବଂ ମାନସିକ ସ୍ୱାସ୍ଥ୍ୟ ସଂପର୍କିତ ଶିକ୍ଷା , ଅଭିଜ୍ଞ ଚିକତ୍ସକ ଓ ଅଭିଜ୍ଞ ପରାମର୍ଶ ଦାଦାଙ୍କ ଦ୍ୱାରା ପ୍ରଦାନ କରାଯାଉଛି । ଶିଘ୍ର ରୋଗ ନିରୁପଣ ଓ ଆଶୁ ଚିକତ୍ସା ମାନସିକ ରୋଗ ନିରାକରଣ ପାଇଁ ମାନସିକ ରୋଗ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯିବ ବୋଲି ସୂଚନା ଦିଆଯାଇଛି ।

## ଫୁଲବାଣୀ ନୂତନ ବିଡ଼ିଓଙ୍କ ଦାୟିତ୍ୱ ଗ୍ରହଣ

କନ୍ଧମାଳ,(ପିଏନ)- ଫୁଲବାଣୀ ବ୍ଲକ ନୂତନ ବି.ଡ଼ି.ଓ ଭାବେ ଶାନ୍ତନୁ କୁମାର ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି । ମଙ୍ଗଳବାର ଦିନ ପୂର୍ବତନ ବି.ଡ଼ି.ଓ ସୁବ୍ରତ କୁମାର ଜେନାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଏହି ଅବସରରେ ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ମାନେ ନୂତନ ବି.ଡ଼ି.ଓ ଶ୍ରୀ ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପ୍ରକାଶ ଯେ, ଏଠାରେ ଥିବା ବି.ଡ଼ି.ଓ ଶ୍ରୀ ଜେନାଙ୍କର କେନ୍ଦୁଝର ଜିଲା ଅନ୍ତର୍ଗତ ହରିଚନ୍ଦନପୁର ବ୍ଲକ ବି.ଡି.ଓ ଭାବେ ବଦଳି ହୋଇଛି । ଫୁଲବାଣୀ ନୂତନ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଶ୍ରୀ ନାୟକ ପୂର୍ବରୁ କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ବି.ଡ଼ି.ଓ ଭାବେ ଦାୟିତ୍ୱ ତୁଲାଇ ଆସିଛନ୍ତି । ଜି.ଉଦୟଗିରି ବ୍ଲକରେ ନୂତନ ବି.ଡ଼ି.ଓ ଭାବେ ବିଜୟ ପ୍ରଧାନ ଯୋଗଦେଇଛନ୍ତି ।

## ଶାରୀରିକ ଶିକ୍ଷା କଲେଜ ନୂତନ କ୍ୟାମ୍ପସ୍ ନିର୍ମାଣ କାର୍ଯ୍ୟର ସମୀକ୍ଷା କଲେ କ୍ରୀଡା ମନ୍ତ୍ରୀ

ଭୁବନେଶ୍ୱର: ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଆଜି ତମାଣ୍ଡୋସ୍ଥିତ ସରକାରୀ ଶିକ୍ଷା ମହାବିଦ୍ୟାଳୟର ନୂତନ କ୍ୟାମ୍ପସ୍ ପରିଦର୍ଶନରେ ଯାଇ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି । ମନ୍ତ୍ରୀ ଶ୍ରୀ ବେହେରା କଲେଜର ବିଲଡିଂ, କ୍ଲାସ୍‌ରୁମ୍, ଛାତ୍ରାବାସ ଓ ଛାତ୍ରୀନିବାସ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ କ୍ରୀଡ଼ା ବିଭାଗର ଅଧିକାରୀ, କାର୍ଯ୍ୟଭାର ନେଇଥିବା ସଂସ୍ଥାର ଅଧିକାରୀ ଏବଂ ଇଂଜିନିୟରମାନଙ୍କ ସହ ଆଲୋଚନା କରିଥିଲେ । ଆଧୁନିକ ଜ୍ଞାନକୌଶଳ ନିର୍ମିତ କ୍ୟାମ୍ପସ୍ ରେ ତିନିମହଲା ବିଶିଷ୍ଟ ଆକାଡେମିକ୍ ବ୍ଲକ୍ ଏବଂ ୪ ମହଲା ବିଶିଷ୍ଟ ଗୋଟିଏ ଛାତ୍ରାବାସ ଓ ଗୋଟିଏ ଛାତ୍ରୀନିବାସର ନିର୍ମାଣ କାର୍ଯ୍ୟ ଜାରି ରହିଛି । ଉଭୟ ହଷ୍ଟେଲରେ ୧୫୬ ଜଣ ଅନ୍ତେବାସୀ ରହିବାର କ୍ଷମତା ରହିଛି। ଏଥି ସହିତ ଆକାଡେମିକ୍ ବ୍ଲକରେ ସ୍ମାର୍ଟ କ୍ଲାସ୍ ରୁମ୍, ଲାବ୍, ସେମିନାର ହଲ୍, ସ୍ୱତନ୍ତ୍ର ଟ୍ୟୁଟୋରିଆଲ୍ ହଲ୍ , ସେମିନାର ହଲ୍, ଆଲୁମିନି ହଲ୍, ଫାକଲଟି ଲାଉଞ୍ଜର ବ୍ୟବସ୍ଥା ରହିଛି । ଆସନ୍ତା ଶିକ୍ଷା ବର୍ଷରୁ ନୂଆ କ୍ୟାମ୍ପସ୍ ରେ ଶିକ୍ଷାଦାନ ପାଇଁ ସରକାର ଲକ୍ଷ୍ୟ ରଖିଥିବାରୁ ସମସ୍ତ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ମନ୍ତ୍ରୀ ଅଧିକାରୀ ଓ ଇଂଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଥିବାରୁ ଯଥାଶୀଘ୍ର ବିଲଡିଂଟି କାର୍ଯ୍ୟକ୍ଷମ ହୋଇପାରିବ ବୋଲି ନିର୍ମାଣ ଦାୟିତ୍ୱରେ ଥିବା ଅଧିକାରୀମାନେ ମନ୍ତ୍ରୀ ଶ୍ରୀ ବେହେରାଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ କ୍ରୀଡ଼ା ଅଭ୍ୟାସ ଲାଗି ପଡ଼ିଆ ଏବଂ ଇନ୍‌ଡୋର ହଲ୍ ଉପରେ ମନ୍ତ୍ରୀ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

# କେନ୍ଦୁଝର ଡାକ ବିଭାଗରେ ଜାତୀୟ ଡାକ ସପ୍ତାହ ପାଳିତ




କେନ୍ଦୁଝର(ପିଏନ)-ସଂପ୍ରତି ସାରା ଦେଶରେ ଜାତୀୟ ଡାକ ସପ୍ତାହ ଅକ୍ଟୋବର ୯ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି । ଡାକ ବିଭାଗର ତା'ର ଜନାଭିମୁଖୀ କାର୍ଯ୍ୟକ୍ରମ ଗୁଡିକ ଏହି ନିର୍ଦ୍ଧାରିତ ଦିବସ ମାନଙ୍କରେ ଜନସାଧାରଣଙ୍କୁ ଅବଗତ କରାଇ ଡାକ ବିଭାଗ ସହିତ ସାଧାରଣରୁ ଅତି ସାଧାରଣ ଲୋକଙ୍କୁ କିପରି ଜଡିତ କରାଯାଇ ପାରିବ ତହିଁର ସାମାନ୍ୟତମ ସୁଯୋଗ ହାତଛଡା କରୁ ନାହାଁନ୍ତି । ଦିନ ଥିଲା ଡାକ ବିଭାଗର ଗୋଟିଏ ଚିଠି, ଟେଲିଗ୍ରାମ କିମ୍ବା ମନିଅର୍ଡର ପାଇଁ ଛୁଆ ଠାରୁ ବୁଢା ପର୍ଯ୍ୟନ୍ତ ଚାତକ ପରି ଚାହିଁ ରହୁଥିଲେ । ସେଇଥି ପାଇଁ ଏହି ବିଭାଗ ତାର ୧୬୦ ବର୍ଷର ନିରବଚ୍ଛିନ୍ନ ସେବା ଆଜି ମଧ୍ୟ ଆଧୁନିକତାର ସ୍ପର୍ଷ ଦେଇ ଜନସାଧାରଣଙ୍କୁ ଯୋଗାଇ ଦେଇ ଆସୁଛି । ଡାକ ବିଭାଗ ବିଶେଷ କରି କରୋନା ପରି ଏକ ଜାତୀୟ ବିପର୍ଯ୍ୟୟ ସମୟରେ ତାର ଉତ୍କୃଷ୍ଟ ସେବା ଜନସାଧାରଣଙ୍କୁ ଯୋଗାଇ ଦେଇ ଦେଶରେ ବେଶ୍ ଉଚ୍ଚ ପ୍ରଶଂସିତ ହୋଇଛି । ଏହି ପରିପ୍ରେକ୍ଷୀରେ ଡାକ ବିଭାଗର ପଞ୍ଚମ ଦିବସରେ ଡାକ ଟିକେଟ୍ ପ୍ରଦର୍ଶନ ସ୍ୱରୂପ ଓଡିଶା ଡାକ ମଣ୍ଡଳଙ୍କ ନିର୍ଦ୍ଦେଶ ଅନୁସାରେ କେନ୍ଦୁଝର ମୁଖ୍ୟ ଡାକ ମଣ୍ଡଳ ତରଫରୁ ଏକ ସ୍ୱତନ୍ତ୍ର ଥିଲାଟେଲିର ସ୍ୱତନ୍ତ୍ର କଭର ପ୍ରଦର୍ଶନ କରାଯାଇ ଅଛି । ଉକ୍ତ ନିରାଡମ୍ବର ଉତ୍ସବରେ ମୁଖ୍ୟଅତିଥି ଭାବେ ଘଟଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର ଯୋଗ ଦେଇଥିଲେ । କେନ୍ଦୁଝର ଥିଲାଟେଲି ସଂଘର ସଭାପତି ଅକ୍ଷୟ କୁମାର ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । କେନ୍ଦୁଝର ଡାକ ମଣ୍ଡଳ ଅଧିକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ସହଅଧିକ୍ଷକ ବ୍ରଜେନ୍ଦ୍ର କୁମାର ହେମ୍ବ୍ରମ ଓ ପୋଷ୍ଟମାଷ୍ଟର ଅମୂଲ୍ୟ କୁମାର ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ୟବସାୟୀ କାର୍ଯ୍ୟ ନିର୍ବାହୀ ଅଧିକାରୀ କାମାକ୍ଷା ପ୍ରସାଦ ସାହୁ ଓ ବିନୋଦିନୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଷ୍ଟ୍ରିଟ ଲାଇଟ ଯୋଗାଣରେ ପାତରଅନ୍ତର : କାଳିକା ପ୍ରସାଦ ପଞ୍ଚାୟତ କାର୍ଯ୍ୟଳରେ ତାଲା ପକାଇଲେ ଗ୍ରାମବାସୀ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ କାଳିକା ପ୍ରସାଦ ପଞ୍ଚାୟତର ମନମୁଖୀ କାର୍ଯ୍ୟକୁ ନେଇ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି । ଷ୍ଟ୍ରିଟ ଲାଇଟ ଲଗାଯିବାର ପାତର ଅନ୍ତର ନୀତକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିବା ବେଳେ ଲୋକଙ୍କୁ ସାମ୍ନା କରିବା ପୂର୍ବରୁ ପଞ୍ଚାୟତ କର୍ତୃପକ୍ଷ କାର୍ଯ୍ୟାଳୟରୁ ଛୁ ମାରିଛନ୍ତି । ମିଳିଥିବା ଖବର ଅନୁସାରେ ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରତି ପଞ୍ଚାୟତକୁ ସୋଲାର ଷ୍ଟ୍ରିଟ ଲାଇଟ ଯୋଗାଇ ଦିଆଯାଇଥିବା ବେଳେ ଗ୍ରାମ ଗୁଡିକର ଆବଶ୍ୟକତାକୁ ଦୃଷ୍ଟି ରେ ରଖି ପଞ୍ଚାୟତ କର୍ତୃପକ୍ଷ ଏହି ଷ୍ଟ୍ରିଟ ଲାଇଟ ବସାଯିବାର ଯୋଜନା ରହିଛି । ମାତ୍ର ଯୋଗ୍ୟ କି ଏହି ସାହିଟି କାଳିକା ପ୍ରସାଦ ସଂରକ୍ଷିତ ଜଙ୍ଗଲ ପାଖରେ ରହିଥିବାରୁ ବର୍ଷ ସାରା ଏଠାରେ ହାତୀ ଉପତାଗ୍ୟ ଦେଖିବାକୁ ମିଳିଥାଏ । ସାହିରେ ମୁଖ୍ୟତଃ ହରିଜନ ସଂପ୍ରଦାୟ ଲୋକ ବସବାସ କରୁଥିଲେ ହେଁ ଏହି ସାହିକୁ ଗୋଟିଏ ହେଲେ ଷ୍ଟ୍ରିଟ ଲାଇଟ ଯୋଗାଇ ଦେବାକୁ ପଞ୍ଚାୟତ କର୍ତୃପକ୍ଷ ଗୁରୁତ୍ୱ ନଦେବାରୁ ଆଜି ସାହିବାସୀ ପଞ୍ଚାୟତ କାର୍ଯ୍ୟଳରେ ସରପଞ୍ଚଙ୍କୁ ଭେଟିବାକୁ ଚାହିଁ ଥିଲେ । ଦୀର୍ଘ ସମୟ ଧରି ସରପଞ୍ଚ କିମ୍ବା ଅନ୍ୟ ଅଧକ୍ଷକ ପଞ୍ଚାୟତ କାର୍ଯ୍ୟଳରେ ପହଞ୍ଚି ନଥିବାରୁ ଲୋକେ ଉତ୍ୟକ୍ତ ହୋଇ କାର୍ଯ୍ୟଳରେ ବାହାର ଫାଟକରେ ତାଲା ପକାଇଦେଇଥିବା ଜଣାପଡିଛି ।



କାଳିକା ପ୍ରସାଦ ପଞ୍ଚାୟତର ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ତଥା ଷ୍ଟ୍ରିଟ ଲାଇଟ ବସାଯିବାର ପାତର ଅନ୍ତର କାର୍ଯ୍ୟ ଯୋଗୁଁ ଗ୍ରାମର ପାତ୍ର ସାହିକୁ ଗୋଟିଏ ହେଲେ ଷ୍ଟ୍ରିଟ ଲାଇଟ ଲଗାଯାଇନଥିବାରୁ ସାହିରେ ଅସନ୍ତୋଷ ପୁଞ୍ଜିଭୂତ ହୋଇଥିଲା । ସୂଚନା



# ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
ପର୍ଯ୍ୟବେକ୍ଷକ




Bhubaneswar Thursday September 30, 2021 ଭୁବନେଶ୍ୱର ଗୁରୁବାର, ସେପ୍ଟେମ୍ବର ୩୦,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ବିପଦ ସଂକୁଳ ଅବସ୍ଥାରେ ମନ୍ଦାକିନୀ ସେତୁ



ରଣପୁର :ସେତୁ ପାଲଟିଛି ମରଣଯନ୍ତା, ବିପଦ ସଂକୁଳ ଅବସ୍ଥାରେ ରଣପୁର ମନ୍ଦାକିନୀ ସେତୁ, । ଖୋର୍ଦ୍ଧା -ବଲାଙ୍ଗୀର ୫୫ ନମ୍ବର ଜାତୀୟ ରାଜପଥରୁ ରଣପୁର କୁ ଏହି ପୋଲ ଟି ସଂଯୋଗ କରୁଥିବାବେଳେ ଜରାଜୀର୍ଣ ଅବସ୍ଥା ଯୋଗୁଁ କେତେବେଳେ ଯେ ବଡ଼ ଧରଣର ଅଘଟଣ ଘଟିବ ସେନେଇ ଚିନ୍ତାରେ ସ୍ଥାନୀୟବାସୀ । ପୋଲର ତଳ ଅଂଶଫାଟି ଆଁ ଆଁ କରିଥିବାବେଳେ ମଝି ବିମରେ ଫାଟ ସୃଷ୍ଟି ହେଲାଣି ଏବଂ ଉପର ଅଂଶର ବାରିକେଟ ଭାଙ୍ଗିଗଲାଣି । ଏହି ରାସ୍ତାଦେଇ ପ୍ରତିଦିନ ଶହ ଶହ ସଂଖ୍ୟକ ଭାରୀଯାନ ଯାତାୟତ କରୁଥିବାବେଳେ ୨୦ରୁ ୨୫ଟି ପଞ୍ଚାୟତର ଲୋକେ ବିପଦ ସଂକୁଳ ଅବସ୍ଥାରେ ଏହି ପୋଲ ଉପରେ ଯାତାୟତ କରନ୍ତି । ମନ୍ଦାକିନୀ ସେତୁର ପୁନଃନିର୍ମାଣ ପାଇଁ ୨୦୧୪ ମସିହାରୁ ଶିଳାନ୍ୟାସ ହୋଇଥିଲେ ବି ଦୀର୍ଘ ୬ ବର୍ଷ ରୁ ଉର୍ଦ୍ଧ ହେବ ଶିଳାନ୍ୟାସରେ ଅଟକିଛି କାମ । ସୁରକ୍ଷାକୁ ଦୃଷ୍ଟିରେ ରଖି ମନ୍ଦାକିନୀ ସେତୁର ପୁନଃନିର୍ମାଣ ପାଇଁ ଦାବୀ କରିଛନ୍ତି ଅଞ୍ଚଳବାସୀ । ପୂର୍ତ୍ତ ବିଭାଗର ଅଧୀନରେ ଏହି ପୋଲ ଟି ଯାଉଥିବାବେଳେ ଲୋକଙ୍କ ସୁରକ୍ଷା ପାଇଁ ଅନ୍ୟ କୌଣସି ବ୍ୟବସ୍ଥା ନକରି ସେତୁ କୁ ବିପଦ ସଂକୁଳ ଦର୍ଶାଇ କାମ ସାରିଦେଇଛି ପୂର୍ତ୍ତ ବିଭାଗ । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚ଼ାରିବାରୁ କ୍ୟାମେରା ସାମ୍ନାରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିବା ବେଳେ ଖୁବ ଶୀଘ୍ର ସେତୁର ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ।

## ରାଜ୍ୟରେ କରୋନାରେ ଆଉ ୫ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୮୧୯୨ହେଲା

ଭୁବନେଶ୍ୱର: ରାଜ୍ୟରେ କରୋନାରେ ଆଉ ୫ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୧୯୨ ହୋଇ ଯାଇଛି ।ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରୁ ୨ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ପୁରୀ, ଭଦ୍ରକ ଓ ଜଗତସିଂହପୁର ଜିଲ୍ଲାରୁ ୧-୧ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

## ଖଣ୍ଡପଡା ଅଂଚଳର ନିଆରା ପରମ୍ପରା : ହନୁମାନ କାଠି ପର୍ବ ପାଳିତ



ଖଣ୍ଡପଡ଼ା: ଗଡଜାତ ଖଣ୍ଡପଡ଼ା ଅଂଚଳରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ହନୁମାନ କାଠି ପର୍ବ ଏକ ନିଆରା ପରମ୍ପରା ଭାବେ ଗତ୨୫୦ ବର୍ଷରୁ ଉର୍ଦ୍ଧ ସମୟ ଧରି ପାଳିତ ହୋଇ ଆସୁଛି । ପ୍ରତିବର୍ଷ ପବିତ୍ର ଦିତୀୟା ଓଷା ତିଥି, ବିଳମ୍ବିତ ରାତିରେ ହନୁମାନ କାଠି ପର୍ବ ପାଳିତ ହୋଇଥାଏ । ଖଳିସାହିସ୍ଥିତ ତୋଟା ହନୁମାନଙ୍କ ପୀଠ ପରିସରରେ ଏ ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ପୂଜାପର୍ବର ଆୟୋଜନ କରାଯାଇଥାଏ । ଖଣ୍ଡପଡା ସହରର ଗଡଭିତରସାହିରେ ରହୁଥିବା ସେବାସୀମାନେ ସନ୍ଧ୍ୟା ସମୟରେ ପ୍ରଭୁ ଶ୍ରୀ ତୋଟା ହନୁମାନଙ୍କ ପୀଠରେ ପହଁଚିବା ପରେ ଷୋଡଶ ଉପଚାରରେ ବିଗ୍ରହଙ୍କୁ ପୂଜାର୍ଚ୍ଚନା କରିବା ସହ ଭୋଗ ଲାଗି କରିଥାନ୍ତି । ତୋଟା ହନୁମାନଙ୍କ ଠାରୁ ଆଜ୍ଞାମାଳ ପ୍ରାପ୍ତି ହେବାପରେ ସେବାସୀମାନେ ହନୁମାନ କାଠି ଦିଅଁ ଓ ମୁଖାକୁ ଧରି ମନ୍ଦିରରୁ ବାହାରି ଖଳିସାହି, ଇଚ୍ଛାପୁର, ବରଡାବାରୀ ଆଦି ଗ୍ରାମ ପରିକ୍ରମା କରିଥାନ୍ତି । ପରେ ହନୁମାନ କାଠି ଦିଅଁ ବିଳମ୍ବିତ ରାତିରେ ଖଣ୍ଡପଡା ସହର ପରିକ୍ରମା କରିବା ସମୟରେ ପ୍ରତ୍ୟେକ ବ୍ୟକ୍ତି ଦୁଆରେ ଦୀପ ଜାଳି ବିଗ୍ରହଙ୍କୁ ଭୋଗଲାଗି କରିଥାନ୍ତି । ଖଣ୍ଡପଡା ସହରର ସାମନ୍ତ ପରିବାରର ସଦସ୍ୟମାନଙ୍କ ଦୁଆରେ ହନୁମାନ କାଠି ଦିଅଁଙ୍କୁ ଭୋଗ ଲାଗି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ । ଖଣ୍ଡପଡା ରାଜବାଟୀ ପରିସରସ୍ଥିତ ପର୍ବଘର ଠାରେ ନିଶାର୍ଦ୍ଧରେ ହନୁମାନ କାଠି ଦିଅଁ ପହଁଚିବା ପରେ ରାଜା ବିଭୁତିଭୂଷଣ ସିଂହମର୍ଦ୍ଦରାଜ ଓ ପରିବାରର ସଦସ୍ୟମାନେ ବିଗ୍ରହଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥାନ୍ତି । ଖଣ୍ଡପଡା ଅଂଚଳରେ ପାଳିତ ହୋଇ ଆସୁଥିବା ଏହି ନିଆରା ପର୍ବ ଓ ପରମ୍ପରାକୁ ଶହଶହ ଶ୍ରଦ୍ଧାଳୁ ରାତିସାରା ଉଜାଗର ରହି ଉପଭୋଗ କରିଥାନ୍ତି ।

## ପ୍ରେରଣା ଗ୍ରୀନ ଆର୍ମି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ଖୋର୍ଦ୍ଧା : ଭାରତ ସ୍ୱାଧୀନତାର ୭୫ତମ ପୂର୍ତି ଉପଲକ୍ଷେ ସମଗ୍ର ଦେଶରେ ଆଜାଦିକା ଅମୃତ ମହୋତ୍ସବ ପାଳନ କରାଯାଉଥିବା ବେଳେ ପ୍ରେରଣା ଇଂଟରନ୍ୟାସନାଲ ଗ୍ରୀନ ଆର୍ମି ପକ୍ଷରୁ କମାଗୁରୁ ମହାବିଦ୍ୟାଳୟର ସହଯୋଗରେ ମହାତ୍ମା ଗାନ୍ଧୀ ସ୍ମୃତି ଆମ୍ର ଉଦ୍ୟାନ ଉଦ୍‌ଘାଟିତ ହୋଇଯାଇଛି। ଏହି ଆମ୍ର ଉଦ୍ୟାନ ମହାତ୍ମା ଗାନ୍ଧିଙ୍କ ନାମରେ ପ୍ରଥମେ ଆମ୍ବ ଗଛ ଲଗାଇ ସମ୍ବାଦର ସମ୍ପାଦକ ସୌମ୍ୟ ରଂଜନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହା ପରେ ଗ୍ରୀନ ଆର୍ମିର କମାଣ୍ଡର ଇନ୍‌ଚିପ୍ ଡ଼ଃ. ଦିଲ୍ଲୀପ ଶ୍ରୀଚନ୍ଦନ କମାଗୁରୁ ମହାବିଦ୍ୟାଳୟର ଅଧକ୍ଷ ସୁଧାଂଶୁ ମହାନ୍ତିଙ୍କ ସମେତ ସମସ୍ତ ଅତିଥିମାନେ ଦେଶର ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ, ଦେଶର ସମସ୍ତ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀମାନଙ୍କ ନାମରେ ଆମ୍ବ ଗଛ ଲଗାଇଥିଲେ। ଏହାପରେ ମହାବିଦ୍ୟାଳୟ ପରିସରରେ ରଥ ପାଇଁ ଗଛଟିଏ ଅଭିଯାନ ଅବସରରେ ମହାବିଦ୍ୟାଳୟ ପରିସରରେ ଶ୍ରୀଜଗନ୍ନାଥ ବାଟିକାକୁ ମୁଖ୍ୟ ଅତିଥି ଖଣ୍ଡପଡ଼ାର ବିଧାୟକ ତଥା ସମ୍ବାଦର ସମ୍ପାଦକ ସୌମ୍ୟ ରଂଜନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପ୍ରେରଣା ଗ୍ରୀନ ଆର୍ମିର କମାଣ୍ଡର ଇନଚିପ୍ ଡ଼ଃ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଲେ ଏହି ବୃକ୍ଷ ରୋପଣ ଦ୍ୱାରା ଜନନାୟକ ମାନଙ୍କ ସ୍ମୃତି ଉଜ୍ଜିବିତ ରହିବା ସହ ବିଶ୍ୱ ଉତାପ ହ୍ରାସରେ ଏହା ସହାୟକ ହେବ। ଏଥିରେ ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଲେ ବର୍ତମାନ ପ୍ରଗତି ନାମରେ ପରିବେଶକୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯାଉଛି। ପ୍ରତିଦିନ ରାସ୍ତା ପ୍ରସ୍ତସ୍ଥି କରଣ ଖଣି ଖାଦାନ ଖନନ ଶିଳ୍ପାୟାନ ପାଇଁ ହଜାର ହଜାର ସଂଖ୍ୟାରେ ଗଛ କଟା ଚାଲିଛି। ଯାହାକି ପରିବେଶକୁ ଧ୍ୱଂସ କରିବାରେ ସହାୟକ ହେଉଛି।ଏଥିରେ ଡ଼ାକ୍ତର ମନୋଜ ସାହୁ ଇଂ. ବିଶ୍ୱମୋହନ ପଟ୍ଟନାୟକ, ଓଷ୍ଟାର ସହ ସାଧାରଣ ସମ୍ପାଦକ ରମାକାନ୍ତ ମହାପାତ୍ର ଅତିଥି ରୂପେ ଯୋଗ ଦେଇ ଥିବାବେଳେ ସ୍ୱାଗତ ଭାଷଣ ଦେଇଥିଲେ ମହାବିଦ୍ୟାଳୟର ଅଧକ୍ଷ ପ୍ରକୃତି ବନ୍ଧୁ ସୁଧାଂଶୁ ମହାନ୍ତି।

## ବ୍ଲକ କର୍ମଚାରୀଙ୍କ ବଦଳିକୁ ନେଇ ଚର୍ଚ୍ଚା

ଖଣ୍ଡପଡ଼ା : ଖଣ୍ଡପଡା ବ୍ଲକର କମ୍ପ୍ୟୁଟର ବିଭାଗରେ କାର୍ଯ୍ୟରତ କର୍ମଚାରୀ ଦୁଷ୍ମନ୍ତ କୁମାର ସାହୁଙ୍କର ଇତି ମଧ୍ୟରେ ରଣପୁର ବ୍ଲକକୁ ବଦଳି ହୋଇଛି । ତେବେ ସଂପୃକ୍ତ କର୍ମଚାରୀ ଶ୍ରୀ ସାହୁ ଜଣେ ନିୟମିତ ସରକାରୀ କର୍ମଚାରୀ ନୁହନ୍ତି ବୋଲି ବ୍ଲକ କାର୍ଯ୍ୟାଳୟ ସୁତ୍ରରୁ ଜଣାପଡିଛି । ତେବେ କର୍ମଚାରୀ ଶ୍ରୀ ସାହୁଙ୍କର ଅନ୍ୟତ୍ର ବଦଳିକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ପ୍ରକାଶଥାଉକି ଖଣ୍ଡପଡା ବ୍ଲକରେ ବର୍ଷ ବର୍ଷ ଧରି କାର୍ଯ୍ୟରତ ଅନେକ କର୍ମଚାରୀ ବହୁ ଦୁର୍ନୀତିରେ ଲିପ୍ତ ଥିବା ନେଇ ବହୁବାର ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ହେଁ ସଂପୃକ୍ତ ଅଧିକାରୀମାନଙ୍କର ଅନ୍ୟତ୍ର ବଦଳିତ ଦୁରର କଥା ସେମାନଙ୍କ କାର୍ଯ୍ୟକଳାପ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ନଦେଇ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି ।ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶପାଇଛି । ନୟାଗଡ ଜିଲ୍ଲାପାଳ ଓ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## କନ୍ଧମାଳ ଜିଲ୍ଲା ହ୍ୟୁମାନ୍‌ରାଇଟସ୍ ଫ୍ରଂଟ ଗଠିତ...ନିଷ୍ପେଶିତ ଓ ବଂଚିତ ଲୋକଙ୍କ ପାଇଁ କାମ କରିବ କେ.ଡି.ଏଚ୍ .ଆର୍.ଏଫ୍.




ଫୁଲବାଣୀ: କନ୍ଧମାଳ ଜିଲ୍ଲା ହ୍ୟୁମାନ୍‌ରାଇଟସ୍ ଫ୍ରଂଟ ଗଠିତ ହୋଇଯାଇଛି । ଜିଲ୍ଲାର ୧୨ଗୋଟି ବ୍ଲକ୍ ସ୍ତରୀୟ ସାମ୍ବାଦିକ, ଆଇନ୍‌ଜୀବି ଓ ସମାଜସେବୀଙ୍କୁ ନେଇ ଏକ ୩୬ ଜଣିଆ କମିଟି ଗଠିତ ହୋଇଛି । ଜିଲ୍ଲା ସ୍ତରୀୟ କୋର୍ଡିନେଟରର୍ସ ଭାବେ ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ଖାଉଟି ବିବାଦ ପ୍ରତିକାର ମଚଂର ସଦସ୍ୟ ସନ୍ତୋଷ କୁମାର ଦିଗାଲ,ଜୟନ୍ତୀ ପାଣିଗ୍ରାହୀ(ଆଡ୍‌ଭୋଟେକ୍),ତୁଷାର କାନ୍ତ ନାୟକ (ଆଇନ୍‌ଜରବି),ଟିକାବାଲି ସେବା ଏନ୍.ଜି.ଓ.,ଏଚ୍.ଆର୍.ସି.ର ସଦସ୍ୟା ନୂତନ ନାୟକ ଦାୟିତ୍ୱ ନେଇଛନ୍ତି। ଫିରିଙ୍ଗିଆ ବ୍ଲକ୍‌ର ବରିଷ୍ଠ ସାମ୍ବାଦିକ ମହାଦେବ ସାହି,ପଚଂାନନ ଦିଗାଲ,ଭ୍ରମବର ନାୟକ ଓ ଆଇନ୍‌ଜୀବି ହରପ୍ରସାଦ ସାମନ୍ତ ବ୍ଲକ୍ କୋର୍ଡିନେଟର ଭାବେ ଦାୟିତ୍ୱ ନେଇଛନ୍ତି। ଖଜୁରୀପଡା ବ୍ଲକ୍‌ରୁ ଆଇନ୍‌ଜୀବି ଦେବେନ୍ଦ୍ର ପ୍ରଧାନ, ସାମ୍ବାଦିକ ଅନନ୍ତ କୁମାର ଦିଗାଲ, ସମାଜସେବୀ ବିକାସ କୁମାର ଦିଗାଲ, ବ୍ଲକ୍ କେର୍ଡିନେଟର ଭାବେ ଦାୟୀତ୍ୱ ନେଇଛନ୍ତି। ସେହିପରି ଅନ୍ୟ୯ଗୋଟି ବ୍ଲକ୍ ଜି.ଉଦୟଗିରି, ଟିକାବାଲି, ଚକାପାଦ଼ୁ ,ବାଲିଗୁଡା, କେ.ନୁଆଗାଁ, କୋଟଗଡ, ତୁମୁଡିବନ୍ଧ, ରାଇକିଆ, ଦାରିଙ୍ଗବାଡିରେ ମଧ ବ୍ଲକ୍ କୋର୍ଡିନେଟର ମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଅଛି । ଏହି ସଦସ୍ୟମାନଙ୍କୁ ହ୍ୟୁମାନ୍‌ରାଇଟସ୍ ସମ୍ବନ୍ଧରେ ତାଲିମ୍ ଦିଆଯିବ । ଏମାନେ ଗରୀବ, ଅସହାୟ, ନିଷ୍ପେସିତ ଓ ଦଳିତ ଲୋକଙ୍କର ମାନବଅଧିକାରୀ ଉଲ୍ଲଘଂନ ଜନିତ ସହାୟତା ଓ ଆଇନ୍‌ଗତ ସହାୟତା ପ୍ରଦାନ କରିବାରେ ସହାୟକ ହେବେ ବୋଲି ରାଜ୍ୟ ହ୍ୟୁମାନରାଇଟସ୍ ଫ୍ରଂଟର ସଦସ୍ୟ ମହମ୍ମଦ ଜିଆଉଦିନ୍ ଅହମ୍ମଦ । ଆଗାମୀ ମାସରେ ଏକ ଜିଲ୍ଲାସ୍ତରୀୟ ସମ୍ମିଳନୀର କାର୍ଯ୍ୟକ୍ରମ ପାଇଁ ନିଷ୍ପତି ହୋଇଛି । ଏହି କାର୍ଯ୍ୟକ୍ରମରେ ଦିଲ୍ଲୀର ଅଧିକାର ସଂସ୍ଥାର କର୍ମକର୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଫୁଲବାଣୀ ବନାନୀ କ୍ଲବରେ କନ୍ଧମାଳ ଜିଲ୍ଲା ହ୍ୟୁମାନ୍‌ରାଇଟସ୍ ଫ୍ରଂଟର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ହ୍ୟୁମାନ୍‌ରାଇଟସ୍ ଫ୍ରଂଟର କୋର୍ଡିନେଟର ସନ୍ତୋଷ କୁମାର ଦିଗାଲ ମାନବ ଅଧିକାର ସମ୍ପର୍କରେ ସମ୍ୟକ୍ ଧାରଣା ଦେଇଥିଲେ । ଅନ୍ୟତମ ଜିଲ୍ଲା କୋର୍ଡିନେଟର ଜୟନ୍ତୀ ପାଣିଗ୍ରାହୀ ମାନବ ଅଧିକାର ଜନିତ ମକଦ୍ଦମା ଓ ସମସ୍ୟା ସମ୍ବନ୍ଧରେ ଗଭୀର ଆଲୋକପାତ କରିଥିଲେ । ମହମ୍ମଦ ଜିଆଉଦ୍ଦିନ୍ ଅହମ୍ମଦ ମାନବ ଅଧିକାର ଉଲ୍ଲଘଂନର ଶିକାର କିଭଳି ଭାବରେ ଲୋକେ ହେଉଛନ୍ତି ଓ ସେମାନଙ୍କର ସହାୟତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନାରେ କରିଥିଲେ । ଆଇନ୍‌ଜିବୀ ତୁଷାର କାନ୍ତ ନାୟକ ମଧ ବିଭିନ୍ନ ବିଷୟରେ ମତରଖିଥିଲେ । ଆଇନ୍‌ଜିବୀ ହରପ୍ରସାଦ ସାମନ୍ତ, ସାମ୍ବାଦିକ ମହାଦେବ ସାହୁ, ପଂଚାନନ ଦିଗାଲ, ଭ୍ରମରବର ନାୟକ, ଫୁଲବାଣୀ ବ୍ଲକ୍ କୋର୍ଡିନେଟର ଜୟସେନ ପରିଡ଼ା, ସାମ୍ବାଦିକ ବୈଦ୍ୟନାଥ ନାୟକ, ଜିଲ୍‌ଲା ପ୍ରେସ୍ କ୍ଲବ୍‌ର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଟିକାବାଲି ବ୍ଲକ୍‌ର କୋର୍ଡିନେଟର ବିମଳ କୁମାର ନାୟକ ମଧ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray